# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସରପଞ୍ଚଙ୍କ ସ୍ୱାମୀଙ୍କ ମାଡ଼

**ଥାନାରେ ମାମଲା, ସରପଞ୍ଚଙ୍କ ପାଲଟା ଅଭିଯୋଗ**

ରାଜନଗର,୧୯।୧୧(ଡି.ଏନ.ଏ.)

ସରକାର ମହିଳା ସଶକ୍ତିକରଣ ପାଇଁ ପଞ୍ଚାୟତରେ ୫୦ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିଛନ୍ତି। ମାତ୍ର ପଞ୍ଚାୟତରେ ମହିଳା ସରପଞ୍ଚଙ୍କ ବଦଳରେ ଅଧିକାଂଶ ସ୍ଥାନରେ ତାଙ୍କ ସ୍ୱାମୀମାନେ ରାଜ୍ କରୁଛନ୍ତି। ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଓ ଅନ୍ୟ ସରକାରୀ କର୍ମଚାରୀ ସରପଞ୍ଚ ସ୍ୱାମୀଙ୍କ ବୋଲ ନ ମାନିଲେ ଧମକଚମକ ଦେବା ସହ ଜୋର ଜବରଦସ୍ତ ଫାଇଲ ଛଡାଉଛନ୍ତି ଓ ମାଡ ମାରୁଛନ୍ତି। ରାଜନଗର ବ୍ଲକ ରାଜପୁର ପଞ୍ଚାୟତରୁ ଏପରି ଗୁରୁତର ଅଭିଯୋଗ ଆସିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାଜପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରାଣୀ ମଞ୍ଜରୀ ସେଠୀଙ୍କ ପୌରୋହିତ୍ୟରେ ସମସ୍ତ ୱାର୍ଡସଭ୍ୟ, ସଭ୍ୟାଙ୍କୁ ନେଇ ବୈଠକ ଚାଲିଥିଲା। ଏହି ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୁଣସିନ୍ଧୁ ମଣ୍ଡଳ ଥିଲେ। ହଠାତ୍ ସରପଞ୍ଚଙ୍କ ସ୍ୱାମୀ ବସନ୍ତ ସେଠୀ ବୈଠକକୁ ଆସି ପଞ୍ଚାୟତର କେତେକ ଫାଇଲ ମାଗିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସରପଞ୍ଚଙ୍କ ଛଡା ଅନ୍ୟ କାହାରିକୁ ସେ ସରକାରୀ ଫାଇଲ ଦେଇ ପାରିବେ ନାହିଁ ବୋଲି କହିଥିଲେ। ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଫାଇଲ ଦେବା ପାଇଁ ମନା କରିଦେବାରୁ ସରପଞ୍ଚଙ୍କ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗାଳି ଗୁଲଜ କରିଥିଲେ। ଏହାପରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ସମସ୍ତ ଫାଇଲ ସେ ଜୋର ଜବରଦସ୍ତ ଛଡାଇ ନେବା ସହ ତାଙ୍କୁ ଧକ୍କା ମାରିଥିଲେ। ଏପରି କି ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ଉପସ୍ଥିତ ଥିବା ୱାର୍ଡ ସଭ୍ୟାସଭ୍ୟମାନେ ନିର୍ବାହୀ ଅଧିକାରୀ ମଣ୍ଡଳଙ୍କୁ ଉଦ୍ଧାର କରିଥିବା ନେଇ ସେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ରାଜନଗର ଥାନାରେ ଏକ ମାମଲା(ନଂ.୩୮୯/୨୨) ରୁଜୁ ହୋଇଛି। ଅପରପକ୍ଷେ ଶନିବାର ସରପଞ୍ଚ ରାଣୀ ମଞ୍ଜରୀ ସେଠୀ ତାଙ୍କୁ ନିର୍ବାହୀ ଅଧିକାରୀ କାର୍ଯ୍ୟ କରାଇ ଦେଉ ନ ଥିବା ଏବଂ ଜାତିଆଣ ଆକ୍ଷେପ କରିଥିବା ନେଇ ରାଜନଗର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୩୯୧/୨୨)ରେ ଏକ ମାମଲା ରୁଜୁ ହୋଇଛି ।

# କୂଳ ଖାଉଛି ଚିତ୍ରୋତ୍ପଳା

**ପଥର ପ୍ୟାକିଂ ପାଇଁ ଦାବି**

ମାର୍ଶାଘାଇ,୧୯।୧୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାଘବପୁର ପଞ୍ଚାୟତ ଅଧୀନସ୍ଥ ନରସିଂହପୁର ଗାଁ ଦେଇ ପ୍ରବାହିତ ଚିତ୍ରୋତ୍ପଳା ନଦୀକୂଳ ଅତଡ଼ା ଖାଇ ଚାଲିଛି। ବନ୍ୟା ନିୟନ୍ତ୍ରଣ ବନ୍ଧ ଖାଇ ଚାଲିଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ବର୍ଷା ପାଣି ଗଡ଼ିବା ଦ୍ୱାରା ନଦୀକୂଳର କେତେକାଂଶରେ ଅତଡ଼ା ଖାଇଥିଲା । ଗତ ବନ୍ୟାରେ ସେହି ସ୍ଥାନର ବହୁ ଅଂଶରୁ ଅତଡ଼ା ଖସିଥିଲା । ପରିସ୍ଥିତି ଏପରି ହୋଇଛି ଯେ, ଚାଷୀଙ୍କ ଉର୍ବର ଜମି ନଦୀଗର୍ଭରେ ଲୀନ ହୋଇ ବନ୍ୟା ନିୟନ୍ତ୍ରଣ ବନ୍ଧ ଆଡ଼କୁ ମାଡି ଆସୁଛି । ଫଳରେ ଗ୍ରାମବାସୀ ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗଙ୍କୁ ଜଣାଇଛନ୍ତି। ଅତଡ଼ା ଖାଉଥିବା ସ୍ଥାନରେ ପଥର ପ୍ୟାକିଂ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଶିକ୍ଷାବିତ୍ ପ୍ରସନ୍ନ କୁମାର ପରିଡ଼ା, ମାନସ ପରିଡ଼ା, ଖଗେଶ୍ୱର ସାହୁ, ନୀଳକଣ୍ଠ



ଅତଡ଼ା ଖାଉଥିବା ନଦୀକୂଳ ।

ବେହେରା, ସରୋଜକାନ୍ତ ମଲ୍ଲିକ ପ୍ରମୁଖ ଦାବୀ କରିଛନ୍ତି । ଏ ସମ୍ପର୍କରେ ନାରାୟଣପୁରସ୍ଥିତ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ ସାହୁ କହିଛନ୍ତି, ବିଭାଗ ଏ ନେଇ ଅବଗତ ଅଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ କରାଯିବ।

# ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ପଟ୍ଟାମୁଣ୍ଡଇ,୧୯।୧୧(ସ୍ୱ.ପ୍ର.)

ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନ କ୍ରମେ ପଟ୍ଟାମୁଣ୍ଡାଇ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ବିଇଓ ହରିହର ଦଳାଇଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଚୁକ୍ତି ଭିତ୍ତିକ ନିଯୁକ୍ତି ନିୟମ ଉଚ୍ଛେଦ କରି ୨୦୦୧ରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ସେବା କାର୍ଯ୍ୟ ଗଣନା ଓ ସେମାନଙ୍କୁ ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ଏବଂ ପୁରାତନ ପେନସନ ଯୋଜନା ଲାଗୁ ଆଦି ଦାବି ପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ପ୍ରେମାନନ୍ଦ ଜୀବନ ଦାଶ,ସମ୍ପାଦକ ବିଶ୍ୱରଞ୍ଜନ ଦାଶ,ଉମାକାନ୍ତ ବେହେରା, ମଳୟ ଜେନା,ପ୍ରଦୀପ ତରାଇ,ଅନ୍ତର୍ଯାମୀ ବେଜ, କଳାକାର ସାହୁ, ଦିବାକର ଦାସ, ସଞ୍ଜୟ ସାହୁ, ରନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଅନାମ



@ ଅବିନାଶ



@ ଆକାଶ



@ ସୁନୀଲ



@ ଏସ୍.କେ. ଅଣ୍ଡିଦୁଲ୍ଲା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହୋର୍ଡିଂ ଚିରିଲେ ଦୁର୍ବୃତ୍ତ, ଥାନାରେ ଏତଲା ଦେଲେ ବିଡିଓ

ରାଜନଗର,୧୯।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଗୋ ଚାଷୀଙ୍କୁ ଉଚିତ ମୂଲ୍ୟ ଦେବା ପାଇଁ ଜିଲାରେ ନିଜସ୍ୱ ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଜିଲାର କେନ୍ଦ୍ରାପଡ଼ା, ରାଜକନିକା ସମେତ ରାଜନଗରଠାରେ ଶକ୍ତି ମିଲ୍କ ଡାଏରୀ ପ୍ଲାଣ୍ଟ ବସାଯିବ। ଏହି ଡାଏରୀ ପ୍ଲାଣ୍ଟରୁ ପ୍ରୋସେସିଂ ହୋଇ କ୍ଷୀର ପ୍ୟାକେଟ କରାଯାଇ ବଜାରରେ ବିକ୍ରି କରାଯିବ। କ୍ଷୀର ସହିତ ଘିଅ, ଛେନା, ପନିର ଓ ଦୁଗ୍ଧଜାତ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ବିକ୍ରି ହେବ। ରାଜନଗର ବ୍ଲକର ଧାନଦିଆଠାରେ ଏହି ଡାଏରୀ ପ୍ଲାଣ୍ଟର କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଶକ୍ତି ମିଲ୍କ ବଜାରକୁ ଆସିବ। ଶକ୍ତି ମିଲ୍କ ବଜାରକୁ ଆସିବା ପୂର୍ବରୁ ରାଜନଗର ବ୍ଲକର ଷ୍ଟେଟବ୍ୟାଙ୍କ ଛକ, ତ୍ରିନାଥବଜାର ଛକ ଓ ସାନବଡଗୋପାଳପୁର ଛକଠାରେ ୩ଟି ବଡ ହୋର୍ଡିଂ ମରାଯିବା ସହ ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଏହା ପରିଚାଳିତ ହେବ। ଶକ୍ତି ମିଲ୍କର ବଜାର ପ୍ରବେଶ ପୂର୍ବରୁ କିଛି କ୍ଷୀର କମ୍ପାନୀ ସେମାନଙ୍କ ବ୍ୟବସାୟର ହାନି ହେବାର ଆଶଙ୍କା କରୁଛନ୍ତି। ପ୍ରଶାସନ ପକ୍ଷରୁ ମରାଯାଇଥିବା ହୋର୍ଡିଂକୁ ଦୁର୍ବୃତ୍ତମାନେ ସମ୍ପୂର୍ଣ୍ଣ ଚିରି ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଶନିବାର ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ରାଜନଗର ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପୋଲିସ ସେହି ଦୁର୍ବୃତ୍ତମାନଙ୍କୁ ଠାବ କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।




**ସଂକ୍ଷେପରେ**

## ବ୍ଲକ୍ ଟପ୍ପର ହେଲେ ଶୁଭମ୍

ରାଜନଗର,୧୯।୧୧(ଡି.ଏନ.ଏ.): ରାଜନଗର ବ୍ଲକ ସାନବଡଗୋପାଳପୁର ସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିର ୫ମ ଶ୍ରେଣୀ ଛାତ୍ର ଶୁଭମ ଶୁଭ୍ରାଂଶୁ ପାତ୍ର ଚଳିତବର୍ଷ ୫ମ ବୃତ୍ତି ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ଶୁଭମ ୩ୟ ବୃତ୍ତି ପରୀକ୍ଷାରେ ମଧ୍ୟ ବ୍ଲକ ଟପ୍ପର ହୋଇଥିଲେ।



ଶୁଭମର ଏହି ସଫଳତାରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସର୍ବେଶ୍ୱର ରାଉତ ଏବଂ ଗୁରୁଜୀ, ଗୁରୁମାମାନେ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଶୁଭମ ପ୍ରଶାନ୍ତ କୁମାର ପାତ୍ର ଓ ରଶ୍ମୀତା ପାତ୍ରଙ୍କ ପୁଅ।

## ଭାଗବତ ସପ୍ତାହ, ପ୍ରବଚନ ସଭା

ରାଜନଗର,୧୯।୧୧(ଡି.ଏନ.ଏ.): ରାଜନଗର ବ୍ଲକ ଉପକଣ୍ଠ ରାଣୀପୋଖରୀ ପାର୍ଶ୍ୱରେ ଥିବା ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ସେବାଶ୍ରମରେ ୪୦ତମ ଭାଗବତ ସପ୍ତାହ ଓ ପ୍ରବଚନ ସଭା ଉଦ୍‌ଯାପିତ ହୋଇଯାଇଛି। ଚଳିତମାସ ୧୨ରୁ ଆରମ୍ଭ ହୋଇଥିବା ଏହି ଆଧ୍ୟାତ୍ମିକ ମହୋତ୍ସବ ୧୮ ତାରିଖରେ ଶେଷ ହୋଇଛି। ପ୍ରତ୍ୟେକ ଦିନ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରଫୁଲ୍ଲ କଣ୍ଠ ପ୍ରମୁଖ ପରମଶାସ୍ତ୍ର ଭାଗବତ ପାଠ କରିଥିଲେ। ସନ୍ଧ୍ୟାରେ କରମଳା ଆଶ୍ରମର ସନ୍ଥ ବାବାଜୀ ନୀଳମଣି ଦାସ, ବାବାଜୀ ନିଳାମ୍ବର ଦାସ, ବାବାଜୀ ଶ୍ରୀନିବାସ ଦାସ, ବାବାଜୀ ଗୌରାଙ୍ଗ ଦାସ, ବାବାଜୀ ଜଗବନ୍ଧୁ ଦାସ ପ୍ରମୁଖ ପ୍ରବଚନ ଦେଇଥିଲେ। ସେବକ ଅଭୟ ବାବାଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସାମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭକ୍ତଗୋଷ୍ଠୀର ସମ୍ପାଦକ ଅନ୍ତର୍ଯ୍ୟାମୀ ପରିଡା, ସଦସ୍ୟ ରବି ନାରାୟଣ ଲେଙ୍କା, କିଶୋର ଚନ୍ଦ୍ର ଦାସ, ହର କୁମାର ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର, କିଶୋର ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।



# ଯୋଜନା ଅନେକ, ନାହାନ୍ତି ପଦାଧିକାରୀ

କେନ୍ଦ୍ରାପଡ଼ା ଅଫିସ, ୧୯।୧୧

କେନ୍ଦ୍ରାପଡ଼ା ଜିଲାର କ୍ଷେତ୍ରଫଳ ୨,୪୯,୪୬୯ ହେକ୍ଟର ମଧ୍ୟରୁ ୧,୮୨,୧୮୪ ହେକ୍ଟର ଚାଷ ଉପଯୋଗୀ ଜମି ଅଛି। ସେହିପରି ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜଳପଥ ସହିତ ହାରାହାରି ବୃଷ୍ଟିପାତ ୧୩୪୦ ମି.ମି. ରହୁଛି। ବାଲିଆ, ଦୋରସା, ପଟୁ ପରି ଉର୍ବର ମୃର୍ତ୍ତିକା ଅଛି। ଶିଳ୍ପ, ଖଣି ନ ଥିବା ଏହି ଜିଲାର ୬୯ ପ୍ରତିଶତ ପରିବାର ଚାଷ ଉପରେ ନିର୍ଭର କରନ୍ତି। କୃଷି ଅର୍ଥନୀତିରେ ଚାଲିଥିବା ଏହି ଜିଲାରେ ଏବେ ପ୍ରାୟ ୮୬ ପ୍ରତିଶତ ଅର୍ଥାତ୍ ୨,୮୪,୭୨୦ ପରିବାର ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ରାଶନ ସାମଗ୍ରୀକୁ ଅନାଇ ବସିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କୃଷି ଓ କୃଷକଙ୍କ ପାଇଁ ଯୋଜନା ପ୍ରଣୟନ କରୁଛନ୍ତି। ତେବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦାଧକାରୀଙ୍କ ନିଯୁକ୍ତି ନାହିଁ। ଜିଲାର ୨୦୭ ପଦ ମଧ୍ୟରୁ ପ୍ରାୟ ୧୦୦ଟି ପଦବୀ ଫାଙ୍କା ପଡିଛି। ଫଳରେ ଚାଷୀ ବହୁମୁଖୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ଏହି ଜିଲାକୁ ୩ କୃଷିଜିଲାରେ ବିଭକ୍ତ କରାଯାଇଥିବା ବେଳେ ଜଣେ ମୁଖ୍ୟ ଜିଲା କୃଷି ଅଧିକାରୀ(ସିଡିଏଓ) ପଦ ଅଛି। ମାତ୍ର ଦୀର୍ଘଦିନ ହେବ ଏହି ପଦ ଖାଲି ପଡିଛି। ଜିଲା କୃଷି ବିଭାଗ ମୁଖ୍ୟ ପଦବୀ କାମ ଚଳାରେ ଚାଲିଛି। ୯ ବ୍ଲକ କୃଷି ଅଧିକାରୀ ପଦବୀରୁ ୫ଟି ଖାଲି ପଡିଥିବା ବେଳେ ୨୩ରୁ ୧୪ ଅତିରିକ୍ତ କୃଷି ଅଧିକାରୀ ନାହାନ୍ତି। ୨ ଓଭରସିୟର, ୨ ପିପିଏ, ୩ ବରିଷ୍ଠ ସହଯୋଗୀ, ୪ କନିଷ୍ଠ ସହଯୋଗୀ, ୨ ଜୁନିୟର ଆକାଉଣ୍ଟାଣ୍ଟ, ଗୋଟିଏ ଏଫ୍‌ଏସସି, ଗୋଟିଏ କମ୍ପୋଷ୍ଟ ଇନ୍ସପେକ୍ଟର, ୩ କମ୍ପୋଷ୍ଟ ମିସ୍ତ୍ରୀ ପଦବୀ ଖାଲି ଅଛି। ଏଥିସହିତ ବିଭିନ୍ନ କାର୍ଯ୍ୟାଳୟ ପାଇଁ ୧୩ ପିଅନ ଓ ୱାଚମ୍ୟାନଙ୍କ ନିଯୁକ୍ତି ହୋଇନାହିଁ। ସବୁଠୁ ବଡ କଥା, ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ୧୦୩ ଭିଏଲଡବ୍ଲ୍ୟୁ ପଦବୀରୁ ନିୟମିତ ଓ ଠିକାଙ୍କୁ ମିଶାଇ ୫୬ ଜଣ ନିୟୋଜିତ ହୋଇଥିବା ବେଳେ ୪୭ଟି ପଦବୀ ଅଦ୍ୟାବଧି ପୂରଣ ହୋଇନି।




- ବହୁମୁଖୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଚାଷୀ
- ୨୦୭ ପଦବୀରୁ ସିଡିଏଓଙ୍କ ସମେତ ୧୦୦ ପଦବୀ ଖାଲି
- ରାଶନ ସାମଗ୍ରୀକୁ ଜିଲାର ୮୬ ପ୍ରତିଶତ ଅନାଇଛନ୍ତି

ଏସମ୍ପର୍କରେ କୃଷକ ନେତା ଗୟାଧର ଧଳ, ଫକୀର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର, ବିଜୟ କୁମାର ପରିଡ଼ା, ବଗଡ଼ା କୃଷି ସମବାୟ ସମିତି ସଭାପତି ଅକ୍ଷୟ କୁମାର ପାଣି ପ୍ରମୁଖ କହିଛନ୍ତି, ଏହି ଜିଲାର ଚାଷ ଓ ଚାଷୀ ନିରାଶଜନକ ସ୍ଥିତିରେ ଅଛନ୍ତି। ଉପଯୁକ୍ତ ପରିମାଣରେ ଫସଲ ଉତ୍ପାଦନ ହେଉ ନ ଥିବାରୁ ଚାଷୀ ଏବେ ରାଶନ ସାମଗ୍ରୀକୁ ଅନାଇଛନ୍ତି। ଚାଷ ପାଇଁ ନିହାତି ଜରୁରୀ ଥିବା ଜଳ ପରିଚାଳନା ଏକ ବଡ଼ ସମସ୍ୟା ହୋଇଛି। ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ଜଳପଥର ସୁବିନିଯୋଗ ନାହିଁ। ଆଳି, ରାଜନଗର, ରାଜକନିକା ଅଞ୍ଚଳରେ ଅଦ୍ୟାବଧି କେନାଲ ନାହିଁ। ଜଳସେଚନ ପରି ଜଳ ନିଷ୍କାସନ ଏଠାରେ ଏକ ସମସ୍ୟା ହୋଇଛି। ସାମୁଦ୍ରିକ ଝଡ, ବନ୍ୟା ସହିତ ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଜିଲାର ଉପାନ୍ତ ଅଞ୍ଚଳରେ ୪୮ କିଲୋମିଟର ସମୁଦ୍ର ତଟ ଅଛି। ଏହି ତଟ ମାଧ୍ୟରେ ୭ ନଦୀ ଜଳ ପ୍ରବାହିତ ହେଉଛି। ଏହାର ସଂଯୋଗୀକରଣ କେନାଲ ମଧୁର ଜଳ ପରିଚାଳନାକୁ ସଫଳ କରିବ। ତେବେ ଅବିଭକ୍ତ କଟକ ଜିଲାରୁ ୨୮ ବର୍ଷ ହେବ ଏହି ଜିଲା ବିଭକ୍ତ ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାଳୟକୁ ଗୋଟିଏ ସ୍ଥାନକୁ ଅଣା ଯାଇପାରୁନାହିଁ। କର୍ମଚାରୀ ଅଭାବ ଏଠାରେ କୃଷି ଯୋଜନା ପ୍ରଣୟନରେ ଅନ୍ତରାୟ ସାଜିଛି। ତାଲିମ, ସାର, ବିହନ, ଔଷଧ ଆଦିର ବିତରଣ ଓ ସଚେତନତା ସମ୍ପର୍କରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ଜିଲାର ଅର୍ଥନୈତିକ ଏକକ ଫସଲ ପାଇଁ ଥିବା ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି କୃଷିଭିତ୍ତିକ ଶିଳ୍ପ ନ ଥିବାରୁ ଯୁବବର୍ଗ ଚାଷ ଛାଡି ଜିଲା ବାହାରକୁ କର୍ମନିଯୁକ୍ତି ପାଇଁ ଯାଉଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, କୃଷି ବିଭାଗରେ ପଦବୀ ପୂରଣ ପାଇଁ ଆଲୋଚନା ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଚିଠି ହୋଇଛି।

## ଯୁବ ବ୍ୟବସାୟୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲିଆ, ୧୯।୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁର ବଜାରର ଯୁବ ବ୍ୟବସାୟୀ ରହେବର ଅଲ୍ଲୀ (୪୮)ଙ୍କ ଶନିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କ ଘର ହାଜିପୁର ଅଞ୍ଚଳରେ। ଶୁକ୍ରବାର ଛାତିରେ ରହେବର ଯନ୍ତ୍ରଣା ଅନୁଭବ କରିବାରୁ ସ୍ଥାନୀୟ ଅଞ୍ଚଳର ମୀର ଅଜମୀର ଅଲ୍ଲୀ ଓ ଗାଁ ଲୋକେ ତାଙ୍କୁ ନେଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ରହେବର ଅଲ୍ଲୀ ସ୍ଥାନୀୟ ଅଞ୍ଚଳରେ ଜଣେ ସାମାଜିକ କର୍ମୀ ଭାବେ ପରିଚିତ ଥିଲେ। ବହୁ ସମୟରେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ଡାକ୍ତରଖାନା ପହଞ୍ଚାଇଛନ୍ତି। ଏନେଇ ସେ ଏସ୍‌ପିଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ଏଥିସହ ଜଣେ ଖେଳପ୍ରେମୀ ଥିଲେ। ସେ ଅଞ୍ଚଳର ବିଭିନ୍ନ ଖେଳରେ ସାମିଲ ହୋଇ ଧାରାବିବରଣୀ ପ୍ରଦାନ କରନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଥିଯୋଗୁ ବ୍ୟବସାୟୀମାନେ ଶନିବାର ହାଜିପୁର ବଜାର ବନ୍ଦ ରଖିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ




ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୯।୧୧

ରାଜ୍ୟ ସରକାର ଠିକା କର୍ମଚାରୀ ବ୍ୟବସ୍ଥାକୁ ସୀମିତ କରି ନିୟମିତ କରିଛନ୍ତି। ତେବେ ଏହା ସବୁ କ୍ଷେତ୍ରରେ ଲାଗୁ ହୋଇ ନ ଥିବା ଦର୍ଶାଇ ନୂତନ ପେନସନ ଯୋଜନାଭୁକ୍ତ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ଓ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର କେନ୍ଦ୍ରାପଡ଼ା ଶାଖା ପକ୍ଷରୁ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଗଣବିକ୍ଷୋଭ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ୩ ଦଫା ସମ୍ବଳିତ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ସଭାପତି ବିଶ୍ୱଭୂଷଣ ଜେନା ସୂଚନା ଦେଇଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇ ଠିକା କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ତେବେ ୨୦୦୧ରୁ ପ୍ରାଥମିକ ବିଦ୍ୟାଳୟରେ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ ଓ ଠିକାରେ କାର୍ଯ୍ୟରତ କନିଷ୍ଠ ଶିକ୍ଷକଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। ସେମାନଙ୍କୁ ନିୟମିତ ସହ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ରୀୟ ହାର ଅନୁଯାୟୀ ମାସିକ ୩୫,୪୦୦ ଟଙ୍କା ଦରମା ପ୍ରଦାନ କରିବା ସହ ପୁରୁଣା ପେନସନ ଯୋଜନା ଲାଗୁ ପାଇଁ ଦାବି କରାଯାଇଛି। ଏହି ବିକ୍ଷୋଭରେ ସଂଘ କର୍ମକର୍ତ୍ତା ଅସଗର ଅଲ୍ଲି, ଶ୍ରୀଧର ସାହୁ, ସେକ ଖାତିବ, ସେକ ମହମ୍ମଦ ଫୟାଜଉଦ୍ଦିନ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଗଛରେ ପିଟି ହୋଇ ଦମ୍ପତି ଗୁରୁତର

ବାଲିକୁଦା,୧୯।୧୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅନ୍ତର୍ଗତ କଣିଆ-ବୋରିକିନା ରାସ୍ତାର ତେରତାଙ୍ଗ ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଭାରସାମ୍ୟ ହରାଇ ଗଛରେ ପିଟିହୋଇ ଯାଇଛି। ଫଳରେ ବାଇକ୍ ଚାଳକ ସମେତ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଉକ୍ତ ଦମ୍ପତିଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେମାନେ ଏରସମା ଥାନା ଅଧୀନ ଘୋଡ଼ାଡ଼ିଆ ଗାଁର ବୋଲି ଜଣାପଡ଼ିଛି। ସମ୍ପୃକ୍ତ ଦମ୍ପତି କୌଣସି କାମରେ ଜଗତ୍‌ସିଂହପୁରକୁ ଯାଇ ଘରକୁ ଫେରୁଥିବା ସମୟରେ ଏହି ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ସେଠାରେ ଡାକ୍ତର ସେମାନଙ୍କର ପ୍ରାଥମିକ ଚିକିତ୍ସା କରାଇବା ପରେ ଜଗତ୍‌ସିଂହପୁର ପଠାଇଦେଇଛନ୍ତି।

## ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକ ମହାସଂଘର ବିକ୍ଷୋଭ



ବିଇଓଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଧାରଣା।

ଡେରାବିଶ,୧୯।୧୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ପ୍ରଶାନ୍ତ କୁମାର ଶତପଥୀ ଓ ସମ୍ପାଦକ ଶେଖ ବରକାତୁଲ୍ଲାଙ୍କ ନେତୃତ୍ୱରେ ବ୍ଲକ ଅଧୀନରେ ଥିବା ୨୬ ପଞ୍ଚାୟତର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗର ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାପତି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ନେତା ସୁବୋଧ ପରିଡ଼ା, ସଂଘ ଉପଦେଷ୍ଟା ଅଶ୍ୱିନୀ କୁମାର ରାଉତ, ଭକ୍ତରଞ୍ଜନ ସ୍ୱାଇଁ, ନରେନ୍ଦ୍ର ପରିଡ଼ା, ଉପସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ଓ ଅଶୋକ କୁମାର ମଲ୍ଲିକ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାସ, ଉତ୍ତମ କୁମାର ମଲ୍ଲିକ, ଡମ୍ବରୁ ଧର ପ୍ରଧାନ, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଶିକ୍ଷକମାନଙ୍କ ଦାବି ଉପସ୍ଥାପନ କରିଥିଲେ। ୬ ବର୍ଷର ଚୁକ୍ତିଭିତ୍ତିକ ସମୟକୁ ଚାକିରୀ ଅବଧିରେ ଗଣନା କରି ୬ ଇନ୍‌କ୍ରିମେଣ୍ଟ ପ୍ରଦାନ, ଅବିକଳ କେନ୍ଦ୍ରୀୟ ହାରରେ ପ୍ରାଥମିକ ଶିକ୍ଷକମାନଙ୍କ ଦରମା ନିର୍ଦ୍ଧାରଣ, ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦାବି ପୂରଣ ନ ହେଲେ ଆସନ୍ତା ୨୭ରେ ବିଧାନସଭା ସମ୍ମୁଖରେ ରାଜ୍ୟ ସଂଘ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିରେ ଡେରାବିଶ ବ୍ଲକ ସମେତ ରାଜ୍ୟର ଲକ୍ଷାଧିକ ଶିକ୍ଷକ ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

ରାଜନଗର,୧୯।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ ଦଫା ଦାବି ନେଇ ଶୋଭାଯାତ୍ରା କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ସଭାପତି ଦାମୋଦର ରାଉତ, ସମ୍ପାଦକ ଅନିଲ କୁମାର ଦାସ, ଶିକ୍ଷକ ନେତା ପ୍ରଶାନ୍ତ କୁମାର ଜେନା, ବୈଲୋଚନ ଦାସ, ହେମନ୍ତ କୁମାର ବାରିକ, ସୁଶାନ୍ତ କୁମାର ସେଠୀ, ଉତ୍ତମ କୁମାର ମଲ୍ଲିକ, ମାଧବ କୁମାର ବର, ବିଜୟ କୁମାର ରାଉତ, କୃତିବାସ ଗନ୍ତାୟତଙ୍କ ନେତୃତ୍ୱରେ ୩ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ରାଜନଗର ତାରିଣୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ରାଜନଗର ବଜାର ପରିକ୍ରମା କରିବା ସହିତ ଚୁକ୍ତିଭିତ୍ତିକ ପ୍ରଥାକୁ ଉଚ୍ଛେଦ, ନିୟମିତ ଶିକ୍ଷକଙ୍କ ମୂଳ ୬ବର୍ଷ ଚାକିରୀ ସମୟକୁ କାର୍ଯ୍ୟକାରୀ କରିବା ସହିତ ୬ ବର୍ଦ୍ଧିତ ଦରମା ପ୍ରଦାନ, କେନ୍ଦ୍ରୀୟହାରରେ ଦରମା ପ୍ରଦାନ ଏବଂ ପୁରୁଣା ପେନସନ ଲାଗୁ କରିବା ପ୍ରମୁଖ ୩ଦଫା ଦାବି ଉପସ୍ଥାପନ କରିଥିଲେ। ପରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ବାରିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।




ପ୍ରାଥମିକ ଶିକ୍ଷକସଂଘ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

# ପୋତି ହେଉଛି ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ

ପଟ୍ଟାମୁଣ୍ଡାଇ,୧୯।୧୧(ସ୍ୱ.ପ୍ର.)

କଟକ ଜଗତପୁରଠାରୁ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ଅଳଭା,ଗଣ୍ଡାକିଆ ଗୋବରୀ ସମ୍ପ୍ରସାରଣ କେନାଲ ପର୍ଯ୍ୟନ୍ତ ଲମ୍ବିଥିବା ପଟ୍ଟାମୁଣ୍ଡାଇ କେନାଲ ପ୍ରତି ବିପଦ ସୃଷ୍ଟି ହୋଉଛି। ୨୦୧୬ରେ କେନାଲ ଦୁଇ ପାର୍ଶ୍ୱ ପୋତିଦେବା ଓ ରାସ୍ତା ପ୍ରଶସ୍ତୀକରଣ କାରଣରୁ ଏହି କେନାଲ ଶଯ୍ୟା ପୋତି ହେବାରେ ଲାଗିଛି। ଫଳରେ ଜଳସେଚନରେ ବାଧା ସୃଷ୍ଟି ହେଉଛି ବୋଲି ମତ ପ୍ରକାଶ ପାଇଛି। ତେବେ ଏଥିନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଆଗାମୀ ଦିନରେ କେନାଲରେ ଜଳ ପରିଚାଳନା ଠିକ୍ ହୋଇପାରିବ ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସାମାଜିକ କର୍ମୀ କ୍ଷୀରୋଦ ମଲ୍ଲିକ କହିଛନ୍ତି, ଜଗତପୁରରୁ-ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲ ଉନ୍ନତି କରଣ ନାମରେ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କେନାଲ ପାଣି ଶେଷ ମୁଣ୍ଡରେ ପହଞ୍ଚୁ ନାହିଁ। ଜଗତପୁର ପାଖରୁ ଏହି ପଟ୍ଟାମୁଣ୍ଡାଇ କେନାଲର ବାମ ପାର୍ଶ୍ୱରେ ବିରୂପା ନଦୀବନ୍ଧ ରହିଛି। ଏହା କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଦେଇ ପ୍ରବାହିତ ହୋଇଥିବା ବେଳେ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ଏହି ନଦୀ ବନ୍ଧଟି ତିନୋଟି ଜିଲାକୁ ସଂଯୋଗ କରିଛି। ଏହି କେନାଲଟି ଜଳ ସମ୍ପଦ ବିଭାଗର ୨ଟି ଡିଭିଜନ ଅଧୀନରେ ରହିଛି। ଜଗତପୁରଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ଏହା ମହାନଦୀ ନର୍ଥ ଡିଭିଜନ୍ ଅଧୀନରେ ରହିଥିବାବେଳେ ବାଲିଚନ୍ଦ୍ରପୁରଠାରୁ ଅଳଭା, ଗଣ୍ଡାକିଆ ଯାଏ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଡିଭିଜନ୍ ଅଧୀନରେ ରହିଛି। ଇତିମଧ୍ୟରେ ବଳିଚନ୍ଦ୍ରପୁର ଦେଇ କେନ୍ଦ୍ରାପଡ଼ା ଜିଲା ଇନ୍ଦୁପୁରଠାରୁ ନୀଳକଣ୍ଠପୁର ପଟ୍ଟାମୁଣ୍ଡାଇ ବାଇପାସ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଘେରିବନ୍ଧକୁ ଜଳ ସମ୍ପଦ ବିଭାଗ ରକ୍ଷଣାବେକ୍ଷଣ ଦାୟିତ୍ୱରେ ରଖିଥିବା ବେଳେ ବାଇପାସଠାରୁ ଅଳଭା ଗଣ୍ଡାକିଆ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତି କରଣପାଇଁ କେନାଲର ଦକ୍ଷିଣ ପାର୍ଶ୍ୱରେ ମାଟି ପଡ଼ିବା ଦ୍ୱାରା ଆଗାମୀ ଦିନରେ କେନାଲଟି ପୋତି ହୋଇଯିବା ଆଶଙ୍କା ସୃଷ୍ଟି କରିଛି, ଫଳରେ ପଟ୍ଟାମୁଣ୍ଡାଇ ଉତିକଣ ସର୍ବାଧିକ ପ୍ରଭାବିତ ହେବ ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସବ୍ୟସାଚୀ ମଲ୍ଲିକ କହିଛନ୍ତି, ୧୮୬୫ରେ ରାଜ୍ୟ ମରୁଡ଼ି ପ୍ରପୀଡ଼ିତ ହୋଇଥିଲା। ସ୍ଥଳପଥରେ ଉପକୂଳ ଅଞ୍ଚଳ ପାଇଁ ରାସ୍ତାଘାଟ ନ ଥିବା ଯୋଗୁ ଖାଦ୍ୟ ଯୋଗାଣ ସମ୍ଭବ ହେଲା ନାହିଁ। ସେତେବେଳେ ଇଂରେଜ ମାନେ ପଟ୍ଟାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲର ଶେଷ ମୁଣ୍ଡ ଗଣ୍ଡାକିଆଠାରେ ଗୋବରୀ ନଦୀକୁ ସଂଯୋଗ କରି ଏକ ଲକ୍ (କଟ୍)ନିର୍ମାଣ କରିଥିଲେ। ବନ୍ୟା ସମୟରେ ଉଦ୍‌ବୃତ ବନ୍ୟାଜଳ କେନାଲକୁ ପ୍ରବେଶ ନ କରିବା ପାଇଁ ଏହି କଟ୍‌ରେ ବ୍ୟବସ୍ଥା ହୋଇଥିଲା। ସେହି ପରି କେନାଲର ବଳକା ପାଣିକୁ ନଦୀ ଗର୍ଭକୁ ଛଡାଯିବା ପାଇଁ ମଧ ବ୍ୟବସ୍ଥା ଥିଲା। ସେହି ସମୟରେ ସଡ଼କ ପଥରେ ଯାତାୟତର ସୁବିଧା ନ ଥିବାରୁ ନୌବାଣିଜ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ସେହିପରି ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଗୋବରୀ ସମ୍ପ୍ରସାରିତ କେନାଲକୁ ସଂଯୋଗ କରି ଅଳଭାଠାରେ ଚିରସ୍ରୋତା ବ୍ରାହ୍ମଣୀ ନଦୀରେ ସଂଯୁକ୍ତ ହୋଇଥିଲା। ଅନୁରୂପ ଭାବେ ଗଣ୍ଡାକିଆ ଭଳି ଅଳଭାଠାରେ ମଧ ଏକ ଲକ୍ ନିର୍ମାଣ କରାଯାଇଥିଲା। ଏହି କଟ୍ ବାଟ ଦେଇ ଲଞ୍ଚ ଓ ଡଙ୍ଗାରେ ବ୍ରାହ୍ମଣୀ ନଦୀକୁ ଯାତାୟତ କରାଯାଇପାରୁଥିଲା। ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳର ଲକ୍ଷାଧିକ ହେକ୍ଟର ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା କରାଯାଇ ପାରୁଥିଲା। ଏହି କେନାଲ ପାଇଁ ସମଗ୍ର ପଟ୍ଟାମୁଣ୍ଡାଇ (ଧୋୟା ଅଞ୍ଚଳକୁ ବାଦ ଦେଇ ) ଶସ୍ୟ ଶ୍ୟାମଳା ହୋଇ ପାରୁଥିଲା। କେନାଲ ପୋତା ଗଲେ ଚାଷ ଜମିକୁ ଜଳ ଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ହୋଇପାରିବ ବୋଲି କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ସାହୁ ସଫେଇ ଦେଇଥିଲେ। ମାତ୍ର ଏବେ କେନାଲ ପାଣି ଠିକ ଭାବେ ତଳଜମିକୁ ମାଡୁନାହିଁ। ତେବେ ରଣ ଟଙ୍କାରେ ଏହି କେନାଲ ଗୁଡିକ ପୋତା ଯାଇ ଏହାର ଓସାରକୁ କେଉଁ କାରଣ ପାଇଁ କମାଇ ଦିଆଯାଇଛି ତାହା ଚାଷୀକୂଳ ମଧରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନାଲର ଦକ୍ଷିଣ ପାର୍ଶ୍ୱରେ ମାଟି ପକାଇ ବ୍ରାହ୍ମଣୀ ଘେରି ବନ୍ଧ ପ୍ରଶସ୍ତୀକରଣ ପାଇଁ ଠିକାଦାର ମନମୁଖି କାର୍ଯ୍ୟ କରୁଛନ୍ତି। ବର୍ଷାଋତୁ ଆସିଲେ ଏଠାରେ ପଡ଼ିଥିବା ମାଟିଗୁଡ଼ିକ କେନାଲ ମଧ୍ୟକୁ ପଶିଯିବ। ପରେ ଏହାର ମୂଳ ଶଯ୍ୟା ପୋତି ହୋଇଯିବ। ଶଯ୍ୟା ପୋତି ହୋଇଗଲା ପରେ କେନାଲରେ ପ୍ରବାହିତ ଜଳ ଶେଷ ମୁଣ୍ଡରେ ପହଞ୍ଚି ପାରିବ ନାହିଁ। ଏହାଦ୍ୱାରା କେନାଲ ଜଳ ପ୍ରବାହରେ ବାଧା ଉପୁଜିବ। ବହୁ ହେକ୍ଟର ଚାଷଜମି ଜଳସେଚନ ସୁବିଧାରୁ ବଞ୍ଚିତ ହେବ। ଏନେଇ ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିବା ସହିତ ଜଳ ସମ୍ପଦ ବିଭାଗକୁ ଜଣାଇଛନ୍ତି। ତୁରନ୍ତ ଠିକାଦାରଙ୍କୁ ଏହି କାର୍ଯ୍ୟରୁ ନିବୃତ ରହିବା ପାଇଁ ନିର୍ଦ୍ଦେଶ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଏନେଇ ପୂର୍ବରୁ ସୂଚନା ପାଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଥିଲେ। ପୂର୍ତ୍ତ ବିଭାଗ ମାଟି ପକାଇ ସେଥିରେ ପଥର ପ୍ୟାକିଂ କରିବା ପାଇଁ କହିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।





ପୋତିହୋଇ ପଡିଥିବା ପଟ୍ଟାମୁଣ୍ଡାଇ ଓ ଅଳଭା କେନାଲ।

- ଗୋବରୀ ସମ୍ପ୍ରସାରିତ କେନାଲର ବି ସମଦଶା
- ଜଳ ସେଚନରେ ସୃଷ୍ଟି ହେବ ବାଧକ
- ଉତିକଣ ବନ୍ୟା ବନ୍ଧ ପ୍ରଶସ୍ତୀକରଣ ପାଇଁ କେନାଲ ଭିତରେ ପଡୁଛି ମାଟି

# ମାମଲା ପରେ ଉଠିଲା ପ୍ରତିବାଦ

■ ମୁହଁ ଖୋଲିଲେ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ଅଧ୍ୟକ୍ଷ

■ ମାରପିଟ କରି ତଡିଦେଇ ଥାନାରେ କରାଯାଇଛି ଅଭିଯୋଗ

ନୟାଗଡ ଅଫିସ,୧୮।୧୧

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆରଟିଓ)ରେ ଇଟାମାଟି ଥାନା ଲାଠିପଡ଼ା ଗାଁର ବାସିନ୍ଦା ତଥା ରଣପୁରର ଏକ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ଜଗନ୍ନାଥ ପାଣି ଦଲାଲି କରୁଥିବାର ଅଭିଯୋଗ କରି ନୟାଗଡ଼ ଟାଉନ ଥାନାରେ ମାମଲା ହୋଇଛି । ମାମଲା ପରେ ସେ ମୁହଁ ଖୋଲିଛନ୍ତି । ସତ ପଦାକୁ ଆସୁ ବୋଲି ସେ କହିଛନ୍ତି । ଏପରିକି ସିସିଟିଭିର ଯାଞ୍ଚ ସହ ପ୍ରକୃତ ଘଟଣାର ରହସ୍ୟ ଉନ୍ମୋଚନ କରାଇବା ପାଇଁ ନୟାଗଡ଼ ଟାଉନ ଥାନା ପୋଲିସ ଓ ଜିଲାପାଳଙ୍କୁ ସେ ନିବେଦନ କରିଛନ୍ତି । ସେପଟେ ଆରଟିଓ ମଧ ଦଲାଲ ମୁକ୍ତ ଅଭିଯାନ ଆରମ୍ଭ କରି ଠିକ୍ କରିଛନ୍ତି ବୋଲି କହୁଛନ୍ତି । ତେବେ ଏଭଳି ବିବାଦ ପରେ ଆରଟିଓ ଅଫିସର ଦଲାଲ ମୁକ୍ତ ଅଭିଯାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଶୁକ୍ରବାର ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ପାଣିଙ୍କୁ ପୋଲିସ ଜିମା ଦେବା ପାଇଁ ନୟାଗଡ଼ ଏସ୍‌ପିଙ୍କୁ ଖବର ଦେଇଥିଲେ । ଏସ୍‌ପିଙ୍କଠାରୁ ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦଲାଲଙ୍କୁ ଖୋଜିଥିଲା । ହେଲେ ପୋଲିସ ପହଞ୍ଚିବା ବେଳକୁ ସେ ଖସି ଯାଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ପାଣିଙ୍କ ନାମରେ ଏକ ମାମଲା(ନଂ.୧୯୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏନେଇ ପାଣି କୁହନ୍ତି, ମୋ ଟ୍ରେନିଂ ସ୍କୁଲକୁ ପୁଣି ଚାଲୁ କରିବା ନେଇ ମୁଁ ଗତ ଶୁକ୍ରବାର ଆରଟିଏ କାର୍ଯ୍ୟାଳୟକୁ ଯାଇଥିଲି । ସେଠାରେ ମୋଠାରୁ ରାଜରାମ ନାମକ ଜଣେ ସିକ୍ୟୁରିଟ୍ ଗାର୍ଡ କମ୍ ଚତୁର୍ଥ ଶ୍ରେଣୀ କର୍ମଚାରୀ କିଛି ନ କହି ମୋ ମୋବାଇଲ ଛଡାଇ ନେଇଥିଲେ । ଯାହାକି ସିସିଟିଭି ଥିବା ଘରେ ଘଟିଛି । ମୁଁ ଫୋନ ନେବାର କାରଣ ଜାଣି ନ ଥିଲେ ହେଁ ଫୋନ ପାଇଁ ପଛେ ପଛେ ଯାଇଥିଲି । ସେଠାରେ ମୋତେ ସିକ୍ୟୁରିଟି ଗାର୍ଡ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରପିଟ୍ କରିଥିଲେ । ଏପରି ମୋଠାରୁ ସୁନା ଚେନ, ୧୫ ହଜାର ଟଙ୍କା ଛଡାଇ ନେଲେ । ଆରଟିଓ କାର୍ଯ୍ୟାଳୟରେ ଫଟୋ ଓ ଭିଡିଓ ଉତ୍ତୋଳନ ମୁଁ କରୁଥିବା ଦର୍ଶାଇ ସିକ୍ୟୁରିଟ ଗାର୍ଡ ମୋ ପରି ଜଣେ ବ୍ୟକ୍ତିଙ୍କୁ ଅଯଥାରେ ନିନ୍ଦିତ କରିଥିଲେ । ଘଟଣା ସମ୍ପର୍କରେ ଆରଟିଓଙ୍କୁ ଅଭିଯୋଗ କରିବାକୁ ଯିବା ବେଳେ ଆରଟିଓ ପହଞ୍ଚି ମୋତେ ଦଲାଲ କହି ଗାଳିଗୁଲଜ କଲେ । ଏପରିକି ମାଡ଼ ମାରିବାକୁ ଉଦ୍ୟମ କରି ଚୁପ୍ ରହିଲେ । ପରେ ଅଫିସରୁ କାଢ଼ି ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମୋ ନାମ ଥାନାରେ ଅଭିଯୋଗ କରିଥିବା ବିଭିନ୍ନ ଗଣମାଧ୍ୟମରୁ ଜାଣିବାକୁ ପାଇଛି । ଏଭଳି ସ୍ଥଳେ ମୁଁ ଦଲାଲ କିପରି ହେଲି ସେ ପ୍ରଶ୍ନ କରିଛନ୍ତି । ଆରଟିଓ ପରିଡ଼ା କୁହନ୍ତି , କୌଣସି ବ୍ୟକ୍ତିଙ୍କୁ ହଇରାଣ କରିବା ଆମ୍ଭର ଉଦ୍ଦେଶ୍ୟ ନୁହଁ । ତେବେ ଦଲାଲ ମୁକ୍ତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବାରୁ ଆମେ ବାରମ୍ବାର ସଚେତନ କରାଇ କାର୍ଯ୍ୟାନୁଷ୍ଠାନ ନେଇଛୁ । ସବୁ କାର୍ଯ୍ୟ ଅନ୍‌ଲାଇନରେ ହେଉଥିବାରୁ ଆରଟିଓ ଅଫିସ ଆସିବାର ଆବଶ୍ୟକତା ନାହିଁ । ଆବେଦନକାରୀ ଆସି କିଛି ବୁଝିବାର ଥିଲେ ବୁଝି ପାରନ୍ତି । ଏଭଳିସ୍ଥଳେ ପାଣି ନାମକ ଜଣେ ବ୍ୟକ୍ତି ବିଭିନ୍ନ ସମୟରେ ଅଫିସକୁ ଗାଡ଼ି ଥୋଇବାଠାରୁ ଆରମ୍ଭ କରି ଅଫିସ ଭିତରକୁ ଆସିବା ନେଇ ଗଣ୍ଡଗୋଳ ଓ ଗାଳିଗୁଲଜ କରନ୍ତି । ବାରମ୍ବାର ମନା ସତ୍ତ୍ୱେ ସୁଫଳ ମିଳିଲା ନାହିଁ । ଏଣୁ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ଅବଗତ ପରେ ପଦକ୍ଷେପ ନିଆଯାଇଛି । କାହାକୁ ମାରପିଟ୍ କରାଯାଇନି କି ହଇରାଣ କରାଯାଇନି । ଯଦି ଚୋରି କି କିଛି ଅସୁବିଧା ହେଲା ଥାନାରେ ମାମଲା ପରେ ଅଭିଯୋଗ କରିବା ପରେ ସନ୍ଦେହ ଉପୁଜୁଛି । ପୋଲିସ ମାମଲାରୁ ବର୍ତ୍ତିବା ପାଇଁ ମିଥ୍ୟା ଅଭିଯୋଗ କରାଯାଇ ପାରେ । ଏଣୁ ପୋଲିସ ଘଟଣାର ତଦନ୍ତ କରୁଥିବାରୁ ଅଧିକ କିଛି କହିବା ଠିକ୍ ହେବ ନାହିଁ । ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କହିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନାମ



@ ଅବିନାଶ



@ ଆକାଶ



@ ସୁନିଲ



@ ଏସ୍.କେ. ଅମ୍ବିଦୁଲ୍ଲା

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶିକ୍ଷକ ସଂଘର ଶୋଭାଯାତ୍ରା, ବିଇଓଙ୍କୁ ଦାବିପତ୍ର

ଓଡ଼ଗାଁ,୧୯।୧୧(ସ୍ୱ.ପ୍ର.)

ପ୍ରାଥମିକ ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଶତାଧିକ ଶିକ୍ଷକଙ୍କ ଏକ ମିଳିତ ବୈଠକ ଅନୁଷ୍ଠିତ ହେବା ସହିତ ଶୋଭାଯାତ୍ରାରେ ବାହାରି ବିଇଓ ଅଫିସ ପର୍ଯ୍ୟନ୍ତ ଆସିଥିଲା । ବ୍ଲକ ଶିକ୍ଷକ ସଂଘର ନେତୃତ୍ୱରେ ବିଇଓ ଗୀତାଞ୍ଜଳି ସାହୁଙ୍କୁ ତିନି ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆସନ୍ତା ୨୭ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଅଂଶଗ୍ରହଣ କରିବାକୁ ସମବେତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବଗତ କରାଯାଇଥିବା ଜଣାଯାଇଛି । ନରେଶ ପାଣିଗ୍ରାହୀ, ଯଶୋବନ୍ତ ପଟ୍ଟନାୟକ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ଜହ୍ନିପଦାରେ ସ୍ୱାସ୍ଥ୍ୟସେବା ଶିବିର

ନୟାଗଡ଼ ଅଫିସ,୧୯।୧୧

ନୟାଗଡ଼ ବ୍ଲକ ଜହ୍ନିପଦା ପଞ୍ଚାୟତର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରଠାରେ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ଜହ୍ନିପଦା ସରପଞ୍ଚ ପୁଷ୍ପଲତା ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଡାକ୍ତର ପୀତବାସ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀପ୍ତିରେଖା ସ୍ୱାଇଁ ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ରୋଗୀମାନଙ୍କ ମଧୁମେହ,ଉଚ୍ଚ ରକ୍ତ ଚାପ,ମ୍ୟାଲେରିଆ,ଟିବି ଆଦି ପରୀକ୍ଷା ମାଗଣାରେ କରାଯାଇଥିଲା । ୧୯୧ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ପ୍ରଦାନ କରାଯାଇଥିଲା। ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ ଦଳବେହେରା, ସ୍ୱାସ୍ଥ୍ୟକର୍ମୀ ପ୍ରଶାନ୍ତ ସାହୁ,ସୁରେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ

**ବିଞ୍ଝାରପୁର,୧୯।୧୧(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଧୀନ ଅରେଇ-ଶାସନ୍ଦା ଛକରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଅଟୋ-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ଯାଜପୁରଟାଉନ ଥାନା ଅଞ୍ଚଳର ସେକ୍ ଅର୍ସାଦ ଅଲି ଖାନ। ବାଇକ୍ ଚାଳକ ଓ ଗୁରୁତର ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଏକ କାଠ ବୋଝେଇ ଟ୍ରାକ୍ଟର ଯାଉଥିବାବେଳେ ତା'ର ଚକା ଲିକ୍ ହୋଇ ଯାଇଥିଲା। ଫଳରେ ଚାଳକ ଏକ ଅଟୋ ଯୋଗେ ଟାୟାର ମରାମତି କରି ଆଣି ଲଗାଇବାକୁ ଅଟୋରୁ ଓହ୍ଲାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଜଣେ ବାଇକ୍ ଚାଳକ ଆସି ଅଟୋକୁ ସାମ୍ନାରୁ ଧକ୍କା ଦେଇଥିଲେ। ଫଳରେ ଅଟୋ ଚାଳକ ସେକ୍ ଅର୍ସାଦ୍ ଗୁରୁତର ହୋଇଥିଲେ। ଖବର ପାଇ ବିଞ୍ଝାରପୁର ପୋଲିସ ପହଞ୍ଚି ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର କଟକ ଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍, ଟ୍ରାକ୍ଟର ଓ ଅଟୋକୁ ଜବତ କରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ନଂ.୬୩୩/୨୨ରେ ଏକ ମାମଲା ରୁଜୁ ହୋଇଛି।

### ମୂର୍ତ୍ତିପଥର ବୋଝେଇ ଟ୍ରାକ୍ଟର ଜବତ, ବାପପୁଅ ଗିରଫ

**ଚଣ୍ଡିଖୋଲ,୧୯।୧୧(ଡି.ଏନ୍.ଏ.):** ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ପାହାଡ଼ରେ ବିରଳ ମୂର୍ତ୍ତିପଥର ମିଳୁଛି। ଏହି ମୂର୍ତ୍ତିପଥରର ଦାମ ବହୁ ଅଧିକ। ସେଥିପାଇଁ ଦୈନିକ ଏଠାରୁ ମାଫିଆମାନେ ପଥର ଚୋରି କରି ବିକ୍ରି କରୁଛନ୍ତି। ଶୁକ୍ରବାର ରାତିରେ ଏକ ଟ୍ରାକ୍ଟର (ଓଆର-୦୪-ଏଲ-୭୪୦୫)ରେ ମୂର୍ତ୍ତିପଥର ଚୋରା ଚାଲାଣ ହେଉଥିବାବେଳେ ବାଲିଚନ୍ଦ୍ରପୁର ପୋଲିସ୍ ଟ୍ରାକ୍ଟରଟିକୁ ଜବତ କରିଛି। ଏଥିସହିତ ଟ୍ରାକ୍ଟରର ମାଲିକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଲିକୁଦା ଗ୍ରାମର କଳ୍ପତରୁ ସ୍ୱାଇଁ (୫୫) ଓ ତାଙ୍କ ପୁଅ ଅଶୋକ ସ୍ୱାଇଁ(୨୮)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ନଂ. ୩୮୬/୨୨ରେ ମାମଲା ରୁଜୁ ହୋଇଛି। ସୂଚନା ଥାଉକି, ଗତ ମାସ ୨୩ତାରିଖରେ ବାଲିଚନ୍ଦ୍ରପୁର ପୋଲିସ ଚୋରା ମୂର୍ତ୍ତିପଥର ଚାଲାଣ ହେଉଥିବା ସମୟରେ ଚଢ଼ାଉ କରି ଏକ ଟ୍ରାକ୍ଟର ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଥିଲା। ଏହି ମୂଲ୍ୟବାନ ମୂର୍ତ୍ତିପଥର ଚୋରା ଚାଲାଣ ହେଉଥିବା ନେଇ ଧରିତ୍ରୀରେ ଅକ୍ଟୋବର ୧୮ରେ ଖବର ପ୍ରକାଶ ପାଇଥିଲା। ପରେ ପୋଲିସ ତତ୍ପର ହୋଇ ଉଠିଥିଲା। ସେଥିପାଇଁ ଏଠାରୁ ଚୋରା ଚାଲାଣ ହେଉଥିବା ଗାଡ଼ି ଗୁଡ଼ିକ ଉପରେ ପୋଲିସ ନଜର ରଖିଛି। ତେବେ ଆଶ୍ଚର୍ଯ୍ୟର କଥା ରାଜସ୍ୱ ବିଭାଗ ଅଧୀନରେ ଏହି ପାହାଡ଼ଟି ଯାଉଥିବା ବେଳେ ଦର୍ପଣ ତହସିଲଦାର ଏ ସମ୍ପର୍କରେ କୌଣସି ପଦକ୍ଷେପ ନେଉନାହାନ୍ତି।

### ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନର ତତ୍ପରତା

**ବରୀ,୧୯।୧୧(ଡି.ଏନ.ଏ.):** ବରୀ ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ବ୍ଲକ୍ ପ୍ରଶାସନ ତତ୍ପର ହୋଇଉଠିଛି। ବିଗତ ଦିନରେ ବ୍ଲକ୍ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ତାଳମେଳ ନ ରହିବା ଯୋଗୁ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇ ଯାଇଥିଲା। ଫଳରେ ଦଳ ମତ ନିର୍ବିଶେଷରେ ସରପଞ୍ଚମାନେ ବ୍ଲକ୍ ପ୍ରଶାସନର ଅସହଯୋଗକୁ ବିରୋଧ କରି ରତ୍ନଗିରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବୈଠକ କରିଥିଲେ। ପରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସ ସରପଞ୍ଚମାନଙ୍କ ସହ ବ୍ଲକ୍ ସମ୍ମିଳନୀ ଗୃହରେ ଏକ ବୈଠକ କରି ସମସ୍ୟାର ସମାଧାନ କରିଥିଲେ। ତେବେ ଆଗାମୀ ଦିନରେ ସରକାରୀ ଯୋଜନାରେ ଆସୁଥିବା ଅର୍ଥର ସଦ୍‌ଉପଯୋଗ କ୍ଷେତ୍ରରେ ବ୍ଲକ୍ ପ୍ରଶାସନିକ ଅଧିକାରୀ ଲୋକପ୍ରତିନିଧିଙ୍କ ସହ ମିଶି କାର୍ଯ୍ୟ କରିବେ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦାସ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରକାରୀସ୍ତରରେ ଆସୁଥିବା ଅର୍ଥକୁ ଯଦି ଦାୟିତ୍ୱରେ ଥିବା ଅଧିକାରୀ ସଦ୍‌ଉପଯୋଗ କରୁ ନ ଥିବା ନେଇ ଅଭିଯୋଗ ଆସେ ଓ ତାହା ସତ୍ୟତା ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବିବାଦକୁ ନେଇ ଚାଲିଛି କାଦୁଅ ଫିଙ୍ଗା

## ବ୍ୟାସନଗର ପୌର ପରିଷଦ: ଫାଇଲ ଫିଙ୍ଗା ଘଟଣା

■ ନିର୍ବାହୀ ଅଧିକାରୀଙ୍କ ଅତିରିକ୍ତ ଏତଲା

**ଯାଜପୁର ଅଫିସ,୧୯।୧୧**

ଯାଜପୁର ଜିଲାର ବ୍ୟାସନଗର ପୌର ପରିଷଦରେ ଫାଇଲ ଫିଙ୍ଗା ବିବାଦ ଘନୀଭୂତ ହୋଇଛି। ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଯାଇ ପ୍ରଶାସକ, ଠିକାସଂସ୍ଥା ଏବଂ ଜନପ୍ରତିନିଧି କାଦୁଅ ଫିଙ୍ଗାଫିଙ୍ଗିରେ ବ୍ୟସ୍ତ। ନିର୍ବାହୀ ଅଧିକାରୀ ଅଶୋକ ରାଉତଙ୍କ ଉପରକୁ ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆ ଜିଓ ଟାୱାର ସମ୍ପର୍କିତ ଫାଇଲକୁ ଫୋପାଡିବା ମାମଲା ଥାନାରେ ପହଞ୍ଚିଛି। ଯାଜପୁର ରୋଡ୍ ଥାନାରେ ୧୬।୧୧।୨୦୨୨ରେ ନିର୍ବାହୀ ଅଧିକାରୀ ରାଉତ ଦେଇଥିବା ଅଭିଯୋଗ ଉପରେ ଶୁକ୍ରବାର ପୁଣି ଏକ ୭ ଦଫା ସମ୍ବଳିତ ଅତିରିକ୍ତ ଅଭିଯୋଗ ସାମିଲ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ, ପୌର ପରିଷଦ କାର୍ଯ୍ୟାଳୟରେ ଡ୍ୟୁଟି ସମୟରେ ତାଙ୍କୁ ଅସାମ୍ବିଧାନିକ ଭାବେ ଅପମାନଜନକ ଭାଷା ପ୍ରୟୋଗ କରି ଧମକ ଦିଆଯାଇଛି। ଏପରିକି ଅସାମାଜିକ ବ୍ୟକ୍ତିଙ୍କ ମାଧ୍ୟମରେ ତାଙ୍କୁ ତାଙ୍କ କର୍ତ୍ତବ୍ୟରେ ବାଧା ଦିଆଯାଇଛି। ୧୫।୧୦।୨୦୨୨ ଅପରାହ୍ନ ପ୍ରାୟ ୧ଟା ସମୟରେ ସେ ଏକ ବୈଠକ ପରିଚାଳନା କରୁଥିବା ସମୟରେ ହଠାତ୍ ପୌରାଧକ୍ଷା ଜିଓ ଟାୱାର ସମ୍ପର୍କିତ ଫାଇଲ ଉପରେ ଆଲୋଚନା କରିବା ସହ ତାଙ୍କ ଉପରକୁ ଫୋପାଡ଼ି ଥିଲେ। ସେହିପରି ୨।୯।୨୦୨୨ରେ ପୌରାଧକ୍ଷା ପିଙ୍ଗୁଆ ପରିମଳ ସେବା ଉପରେ ଉଚ୍ଚବାଚ କରିଥିଲେ ବୋଲି ନିର୍ବାହୀ ଅଧିକାରୀ ଅଭିଯୋଗରେ ଦର୍ଶାଇଛନ୍ତି।

ପୌର ନିର୍ବାଚନ ଶେଷ ହେବାର ପ୍ରାୟ ୬ ମାସ ହେଲା ସହରର ପରିମଳ ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ସହରର ବିଭିନ୍ନ ୱାର୍ଡର ସଫେଇ କାର୍ଯ୍ୟ ଘରୋଇକରଣକୁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ବିବାଦୀୟ କରି ପକାଇଛନ୍ତି। କିନ୍ତୁ ବିବାଦ ସମାଧାନର ବାଟ ବାହାର କରୁନାହାନ୍ତି। ସହରର ପରିମଳ ବ୍ୟବସ୍ଥାକୁ ଘରୋଇ ଠିକା ସଂସ୍ଥା ହାତରେ ଛାଡି ନିଜ ଜିଦରେ ଅଟଳ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଦୁର୍ଗାପୂଜା, କାଳୀପୂଜା ଭଳି ବର୍ତ୍ତମାନ ଶିଳ୍ପ ବାଣିଜ୍ୟ ମେଳାବେଳେ ସହରର ପରିମଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୦ବର୍ଷ ପୂର୍ବେ ବ୍ୟାସନଗରର ଜନସଂଖ୍ୟା ପ୍ରାୟ ୫୦ ହଜାର ଥିବାବେଳେ ଏବେ ପ୍ରାୟ ଦେଢ଼ଲକ୍ଷ ରହିଛି। ସହରର ପରିସୀମା ବୃଦ୍ଧି ପାଇଛି। ସହରର ପରିମଳ ବ୍ୟବସ୍ଥା ପାଇଁ ଠିକାସଂସ୍ଥା ସହିତ ବର୍ଷିକିଆ ଚୁକ୍ତିନାମା କରାଯାଇଥିଲା। କିନ୍ତୁ ଗତ ମାର୍ଚ୍ଚରୁ କୌଣସି ଟେଣ୍ଡର କରା ନ ଯାଇ ଉକ୍ତ ଠିକାସଂସ୍ଥାକୁ ପୁଣି ପରିମଳ ଦାୟିତ୍ୱ ଦିଆଯାଇଛି। ଉକ୍ତ ପରିମଳ ସଂସ୍ଥା ପ୍ରାୟ ୧୬୦ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବା ସ୍ଥଳେ ମାତ୍ର ୬୦ରୁ ୭୦ ଜଣଙ୍କୁ କାର୍ଯ୍ୟରେ ଲଗାଇ ମିଥ୍ୟା ବିଲ୍ ଭାଉଚର କରି ଅନୁଦାନ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ନିର୍ବାହୀ ଅଧିକାରୀ ବାୟୋମେଟ୍ରିକ ମେଶିନ ଲଗାଇ ପରିମଳ ଅନିୟମିତତାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଫଳରେ ପରିମଳ ସେବାରେ ଆସୁଥିବା ଅର୍ଥକୁ ଭାଗବଣ୍ଟା ଆଉ ହୋଇ ପାରି ନଥିଲା। ସେହି ଦିନଠାରୁ ପୌର ପରିଷଦରେ ବିବାଦ ଲାଗି ରହିଛି। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ପରିମଳ ସେବା ନିୟମକୁ କଡାକଡି କରିବା ଏବଂ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବାରୁ ତାଙ୍କୁ ଏଭଳି ଫଳ ଭୋଗିବାକୁ ପଡ଼ିଛି। ପୌରାଧକ୍ଷା ପିଙ୍ଗୁଆଙ୍କ ମତାମତ ନେବାକୁ ଶନିବାର ରାତି ୮ ଟା ୨୦ ମିନିଟରେ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।



ଭାଜପା କର୍ମୀମାନେ ପୌରାଧକ୍ଷାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

### ନିର୍ବାହୀ ଅଧିକାରୀଙ୍କ ନାଁରେ ଏତଲା

ସଫେଇ ଦାୟିତ୍ୱରେ ଥିବା ସବ୍ୟସାଚୀ ମହାକୁଡ ଠିକାସଂସ୍ଥାର ମ୍ୟାନେଜର ସେକ୍ ସଇଫୁଦ୍ଦିନ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ନାଁରେ ଯାଜପୁର ରୋଡ୍ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗରେ ତାଙ୍କୁ ଖରାପ ବ୍ୟବହାର ସହିତ ଗାଳିଗୁଲଜ କରିଛନ୍ତି ବୋଲି ଦର୍ଶାଇଛନ୍ତି। ଠିକ୍ ସମୟରେ ସମ୍ପୃକ୍ତ ଅଧିକାରୀ ପାଉଣା ଦେଉ ନ ଥିବାରୁ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଧାରଣା ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### ପୌରାଧକ୍ଷାଙ୍କ କୁଶ ପୁତ୍ତଳିକା ଦାହକଲା ଭାଜପା

ନିର୍ବାହୀ ଅଧିକାରୀଙ୍କ ପ୍ରତି ପୌରାଧକ୍ଷାଙ୍କ ଅଶାଳୀନ ବ୍ୟବହାର ଏବଂ ଭିଡିଓ ଭାଇରଲ ସଂକ୍ରାନ୍ତରେ ଭାଜପା ବ୍ୟାସନଗର ମଣ୍ଡଳ ପକ୍ଷରୁ ଶନିବାର ସହରର ଗୋପବନ୍ଧୁ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେଠାରେ ପୌରାଧକ୍ଷାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସହରବାସୀଙ୍କ ସ୍ୱାଭିମାନକୁ ପୌରାଧକ୍ଷା ପାଦ ତଳେ ଚାପି ଦେଇ ମର୍ଯ୍ୟାଦାପୂର୍ଣ୍ଣ ଆସନରେ ବସିବାର ଅଧିକାର ହରାଇଛନ୍ତି। ତେଣୁ ପୌରାଧକ୍ଷାଙ୍କୁ ବହିଷ୍କାର କରାଯାଉ ବୋଲି ଭାଜପା କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ପୌରାଧକ୍ଷାଙ୍କୁ ବହିଷ୍କାର କରା ନ ଗଲେ ଭାଜପା ପକ୍ଷରୁ ବଡ଼ ଆନ୍ଦୋଳନ କରାଯିବ। ବ୍ୟାସନଗରକୁ ବନ୍ଦ ସାଙ୍ଗକୁ ଚକାଜାମ କରାଯିବ ବୋଲି ଭାଜପା ଜିଲା ପ୍ରତିନିଧି ତଥା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଘଡାଇ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ଇତିଶ୍ରୀ ନାୟକ, ମଣ୍ଡଳ ସଭାପତି ଅଚ୍ୟୁତା ନନ୍ଦ ଦାସ, ୧୩ ନମ୍ବର ୱାର୍ଡ କାଉନସିଲର ବୁଡୁନି ଦରାଇ, ପୂର୍ବତନ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ, ସାଧାରଣ ସମ୍ପାଦକ ପ୍ରଶାନ୍ତ ବୋଇତାଇ, ଉପ ସଭାପତି ଅରୁଣ ଦାସ, ଗଣେଶ ମାଝି, ବିସ୍ତାରକ ଟୁଲଟୁଲ ମୋହନ ଜେନା, ଜୟକୃଷ୍ଣ ସାହୁ, ଯୁବନେତା ଦୀପ୍ତିରଞ୍ଜନ ମଟାନିଆ, ରମେଶ ରାଉତ, ମୋହନ ଲାଲ ସାହୁ, ତରୁଣ ଦାସ, ସୁଶାନ୍ତ ରାଉତ, ବିନ୍ଦ୍ରା ଦାରାଇ, ଅଶ୍ୱିନୀ ଧଳ, ସ୍ୱର୍ଣ୍ଣ ପ୍ରଭା ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା ଚେତାବନୀ ଦେଇଛନ୍ତି।

# ଲୁଗାବୁଣା କୌଶଳ ଜାଣିଲେ, ଉନ୍ନୟନ କାର୍ଯ୍ୟ ଦେଖିଲେ

**ରସୁଲପୁର,୧୯।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁରର ପ୍ରସିଦ୍ଧ ଟସର କାରଖାନା ପରିଦର୍ଶନ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ପରିଷଦର ସଭ୍ୟାସଭ୍ୟ। ଏହି ଜିଲାର ନିର୍ବାଚିତ ପ୍ରତିନିଧିମାନେ ୨ ଦିନିଆ ତାଲିମ ଶିବିରରେ ଯୋଗଦେବା ଅବସରରେ ଶନିବାର ସେମାନଙ୍କୁ ପ୍ରଶାସନ ପକ୍ଷରୁ ଏକ୍ସପୋଜର ଭିଜିଟ୍ ପାଇଁ ଏଠାକୁ ଅଣାଯାଇଥିଲା। ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ନେତୃତ୍ୱରେ ଜିଲାର ୩୫ ଜିଲା ପରିଷଦ ସଭ୍ୟାସଭ୍ୟ ମା' ତାରିଣୀ ଟସର ବସ୍ତ୍ର କାରଖାନାରେ ପହଞ୍ଚିଥିଲେ। ସେଠାରେ ଲୁଗା ବୁଣିବା କୌଶଳଠାରୁ ଆରମ୍ଭ କରି ଲୁଗାକୁ ଶେଷ ସ୍ପର୍ଶ ଦେବା ପର୍ଯ୍ୟନ୍ତ ସମସ୍ତ ପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ। ଟସର ବସ୍ତ୍ରର ପ୍ରୟୋଗଶାଳା ଓ ତାଲିମ କେନ୍ଦ୍ରରେ ଲୁଗା ବୁଣିବାର କୌଶଳ ସମ୍ପର୍କରେ କାରିଗରଙ୍କଠାରୁ ଅବଗତ ହୋଇଥିଲେ। ବସ୍ତ୍ରର ଗୁଣବତ୍ତା ଓ ଡିଜାଇନ ପରିଦର୍ଶକମାନଙ୍କର ପସନ୍ଦଯୋଗ୍ୟ ହୋଇପାରିଥିଲା।

ମହିଳା ପ୍ରତିନିଧିମାନେ ତନ୍ତବୁଣା ଶାଢ଼ି, ସାଲ, ଚଦର, ଷ୍ଟଲ୍ ଆଦିକୁ ବିଶେଷ ପସନ୍ଦ କରିବା ସହ କେତେକ ବସ୍ତ୍ର କ୍ରୟ କରିଥିଲେ। ପରେ ସଭ୍ୟାସଭ୍ୟ ବ୍ଲକ ଅଧୀନ ଖଣ୍ଡିତର ସରକାରୀ ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେମାନେ ବିଦ୍ୟାଳୟର ପାର୍କ, ଲାଇବ୍ରେରି, ଲାବରେଟୋରି, ଶୌଚାଳୟ ଆଦି ବୁଲି ଦେଖିବା ସହ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କିଭଳି କନଭରଜେନ୍ସ ଜରିଆରେ ଅର୍ଥ ବିନିଯୋଗ କରାଯାଇଛି ସେ ସମ୍ପର୍କରେ ବ୍ଲକ ପ୍ରଶାସନଠାରୁ ଅବଗତ ହୋଇଥିଲେ। ପରେ ସଭ୍ୟାସଭ୍ୟ ଯାଜପୁର ଜିଲାର ଧର୍ମଶାଳା ଓ କୋରେଇ, ଯାଜପୁର ବ୍ଲକର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ତାଙ୍କ ପରିଦର୍ଶନ ସମୟରେ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ଉପସଭାପତି ଗଣେଶ୍ୱର ବରାଳ, ପ୍ରୋଗ୍ରାମ ପରିଚାଳିକା(ସ୍କିଲ୍) ମଧୁମିତା ପୃଷ୍ଟି, ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ, ଏବିଡିଓ ଦିବ୍ୟକାନ୍ତି ମିଶ୍ର, ବ୍ଲକ ସଂଯୋଜିକା(ସ୍କିଲ୍) ମଧୁସ୍ମିତା ମହାନ୍ତି, ଯୁବନେତା ମନୋଜ କୁମାର ରାଉତ ଓ ସମବାୟ ନେତା ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଟସର ବସ୍ତ୍ର କାରଖାନା, ବିଦ୍ୟାଳୟ ବୁଲିଲେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭ୍ୟାସଭ୍ୟ



ଯାଜପୁର ଜିଲା ପ୍ରଶାସନିକ ଅଧିକାରୀଙ୍କ ଗହଣରେ କେନ୍ଦ୍ରାପଡ଼ା ଜିଲା ପରିଷଦର ସଭ୍ୟାସଭ୍ୟ।

# ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ଧର୍ମଶାଳା,୧୯।୧୧(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଶନିବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପାଟପୁର ପଞ୍ଚାୟତ ଚନ୍ଦ୍ରପଦା ଗ୍ରାମର ପୁରୁଷୋତ୍ତମ ଦାସ(୬୫)। ରଥିଆସ୍ଥିତ ଅଶୋକ ଲିଲାଣ୍ଡ କମ୍ପାନୀରେ ପୁରୁଷୋତ୍ତମ କାମ କରୁଥିବାବେଳେ ଏକ ଦୋକାନରେ ଚା' ପିଇ ରାସ୍ତା ପାର ହେଉଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ତାଙ୍କୁ ଧକ୍କାଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ପୁରୁଷୋତ୍ତମ ଦୀର୍ଘ ବର୍ଷ ହେବ ଜାରକାସ୍ଥିତ ଜାମୁବଣିଆରେ ଘର କରି ପରିବାର ସହ ରହୁଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ହାଇୱା ଧକ୍କାରେ ଜଣେ ମୃତ

**ଚଣ୍ଡିଖୋଲ,୧୯।୧୧(ଡି.ଏନ୍.ଏ.)**

୫୩ନଂ. ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ଥାନା କଟିକଟା ଛକ ନିକଟରେ ଶନିବାର ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ରୋଡ୍ ଅଞ୍ଚଳର ଶ୍ରୀନାଥ ଜେନାଙ୍କ ଏକମାତ୍ର ପୁତ୍ର ସୁପ୍ରତେଶୁ ଜେନା(୨୮)। ସେ ଶନିବାର ସକାଳେ ଏକ ସ୍କୁଟିରେ ବାଲିଚନ୍ଦ୍ରପୁର ଆଡୁ ପଞ୍ଚୁପାଣ୍ଡବ ଆଡ଼କୁ ଯାଉଥିବାବେଳେ କଟିକଟା ଛକ ନିକଟରେ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ବଡ଼ଚଣା ମେଡିକାଲ ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁପ୍ରତେଶୁ ଛତିଆ ନିକଟରେ ଜଣେ ଜୁଲୋଜିଷ୍ଟ ହିସାବରେ ଏକ ବେସରକାରୀ କମ୍ପାନୀରେ ଚାକିରି ଆରମ୍ଭ କରିଥିଲେ। ତାଙ୍କ ବାପା ଏକ ଖବରକାଗଜର ସହସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି।

# ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ

**ଚଣ୍ଡିଖୋଲ,୧୯।୧୧(ଡି.ଏନ୍.ଏ.)**

ଜାରକା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନରେ ଥିବା ଚଣ୍ଡିଖୋଲଠାରୁ ବଡ଼ଘୁମୁରୀ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଶନିବାର ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଏହି ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟସ୍ଥ ନୂଆସୁଗୁଡ଼ା ୫୩ନଂ.ଜାତୀୟ ରାଜପଥଠାରୁ ଭାୟା ନିଶିମଳା ଓ ରାଧାଦେଇପୁର ଦେଇ ବଡ଼ଘୁମୁରୀ ପର୍ଯ୍ୟନ୍ତ ଯାଇଛି। ରାସ୍ତାର ଉନ୍ନତୀକରଣ ହେଲେ ୫ଟି ପଞ୍ଚାୟତର ଲୋକେ ଉପକୃତ ହେବେ ବୋଲି ବିଧାୟକ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ ସେଠୀ ଯୋଗଦେଇ ୧୦କିଲୋମିଟର ୩ଶହ ୮୦ମିଟର ରାସ୍ତାର ପ୍ରଶସ୍ତୀକରଣ ପାଇଁ ୭କୋଟି ୨ଲକ୍ଷ ୨୦ହଜାର ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ରାସ୍ତାର ୬ବର୍ଷ ମରାମତି କାର୍ଯ୍ୟ ମଧ୍ୟ ରହିଛି। ରାସ୍ତା କାମଟି ଏବେଠୁ ଆରମ୍ଭ ହୋଇ ୨୦୨୩ ଅଗଷ୍ଟ ୧୧ରେ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଜ୍ଞେନ୍ଦ୍ର ନାୟକ, ନିରଞ୍ଜନ ସେନାପତି, ସଞ୍ଜୟ କୁମାର ସ୍ୱାଇଁ, କିଛିନା ମହାପାତ୍ର, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ଓ ମସିର ଆଲାମ୍ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ବିଧାୟକ ପୁନର୍ବାର ବଡ଼ଘୁମୁରୀଠାରେ ଅନ୍ୟଏକ ରାସ୍ତାର ଶିଳାନ୍ୟାସ କରି ବଡ଼ଚଣାରେ ବହୁ ରାସ୍ତାର ଉନ୍ନତୀକରଣ ହେବା ସହ ପ୍ରତ୍ୟେକ ଗ୍ରାମାଞ୍ଚଳ ରାସ୍ତାକୁ ପକ୍କା କରାଯିବ ବୋଲି ପ୍ରକାଶ କରିଥିଲେ।



ବିଧାୟକ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

# ଅର୍ଥ ଆଦାୟ ପାଇଁ ଦାବିକଲା ଭାଜପା

**ବିଞ୍ଝାରପୁର,୧୯।୧୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଦୁର୍ନୀତି ଘଟଣାରେ ଶନିବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ କରି ଯାଜପୁର ଜିଲାପାଳଙ୍କ ଉପରେ ବର୍ଷିଛି ଭଜାପା। ବିଞ୍ଝାରପୁର ଥାନାଛକସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ମହିଳାମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଯୋଗଦେଇ ବିଞ୍ଝାରପୁର ବ୍ଲକର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଘଟଣାରେ ଜିଲାପାଳ ଓ ଜିଲା ପ୍ରଶାସନକୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଶାସକ ଦଳ ଇସାରାରେ କାମ କରୁଛି ଜିଲା ପ୍ରଶାସନ। କେନ୍ଦ୍ରୀୟ ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟକୁ ଚାପି ଦିଆଯାଉଛି ବୋଲି ମଲ୍ଲିକ ଅଭିଯୋଗ କରିଛନ୍ତି। ତେଣୁ ଦୁର୍ନୀତିରେ ସମ୍ପୃକ୍ତ କର୍ମଚାରୀଙ୍କ ଦରମାକୁ ଜରିମାନା ଅର୍ଥରେ ଭରଣା କରିବା, ଦୋଷୀ ସରପଞ୍ଚଙ୍କ ନାମରେ ଥାନାରେ ଅପରାଧିକ ମାମଲା ରୁଜୁ କରିବା ଏବଂ ଅବଶିଷ୍ଟ ପଞ୍ଚାୟତଗୁଡ଼ିକରେ ହୋଇଥିବା ଦୁର୍ନୀତି ପାଇଁ ଏକ ଟିମ୍ ଗଠନ କରି ତଦନ୍ତ କରିବାକୁ ମଲ୍ଲିକ ଦାବି କରିଛନ୍ତି।

ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଞ୍ଝାରପୁର ବ୍ଲକ ପ୍ରଶାସନର କେତେଜଣ କର୍ମଚାରୀ ଅଣଶ୍ରମିକଙ୍କ ନାମରେ ଜବକାର୍ଡ ଖୋଲି ଟଙ୍କା ହଡ଼ପ କରିଛନ୍ତି। ଏହାର ପ୍ରତିବାଦରେ ବିଭିନ୍ନ ପଞ୍ଚାୟତରେ ଭାଜପା ଅନଶନ କରିବା ପରେ ଜରି ପଞ୍ଚାୟତର ତଦନ୍ତ କରାଯାଇ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ, ପିଇଓ ଏବଂ ଜିଆରଏସଙ୍କୁ ଜିଲାପାଳ ନିଲମ୍ବିତ କରିଥିଲେ। ପରେ ସିଂହପୁର ପଞ୍ଚାୟତର ତଦନ୍ତ କରା ଯାଇଥିଲେ ମଧ୍ୟ ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ମାଗିବା ଆଳରେ ତଦନ୍ତକୁ ଚାପି ଦେଇଥିଲେ। ବାଙ୍ଗରା ଓ ଫତେପୁର ପଞ୍ଚାୟତ ଅନଶନ ପ୍ରତି କର୍ଣ୍ଣପାତ ନ କରିବାରୁ ଭାଜପା ନେତ୍ରୀ ମଲ୍ଲିକଙ୍କ ଅନୁରୋଧ କ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ କେନ୍ଦ୍ରୀୟ ତଦନ୍ତ ପାଇଁ ସୁପାରିସ କରିଲେ। କେନ୍ଦ୍ରୀୟ ଦଳର ଅନୁସନ୍ଧାନ କରି ୬୩ ଫର୍ଦ ବିଶିଷ୍ଟ ଏକ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏଥିରେ ଦୁର୍ନୀତିରେ ସମ୍ପୃକ୍ତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କଠାରୁ ୧୫ ଲକ୍ଷ ୭୨ ହଜାର ୨୭୬ ଟଙ୍କା ୭ ଦିନ ମଧ୍ୟରେ ଆଦାୟ ପାଇଁ ବିଞ୍ଝାରପୁର ବିଡିଓଙ୍କୁ ନିର୍ଦ୍ଦେଶ ରହିଥିଲା। ଅଗଷ୍ଟ ମାସ ନିର୍ଦ୍ଦେଶ ଚିଠି ପାଇଥିଲେ ମଧ୍ୟ ବିଡିଓ ତାହାକୁ କାର୍ଯ୍ୟକାରୀ ନ କରି ଚାପିଦେବାକୁ ଉଦ୍ୟମ କରିଥିଲେ। ଯେଉଁ ଅଧିକାରୀଙ୍କୁ କେନ୍ଦ୍ରୀୟ ଟିମ୍ ଦୋଷୀ ସାବ୍ୟସ୍ତ କରି ଅର୍ଥ ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ସେମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ବ୍ଲକ ପ୍ରଶାସନ ବିଫଳ ହୋଇଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମଣ୍ଡଳ ସଭାପତି ଦିନବନ୍ଧୁ ଦାସ ଅଧକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ଭୁବନାନନ୍ଦ ସାମଲ, ସଞ୍ଜୀବ ସାହୁ, ନିରଞ୍ଜନ ବେଉରିଆ, ବିରଞ୍ଚି ନାରାୟଣ ବେହେରା, ଉପେନ୍ଦ୍ର ଧଳ, ରବୀନ୍ଦ୍ର ବେଉରିଆ, ଶିବ ପ୍ରସାଦ ଧଳ, ଲକ୍ଷ୍ମୀଧର ରାଉତ ଓ ପ୍ରାକ୍ତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲାପାଳ ଓ ବିଡିଓଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

### ବିଞ୍ଝାରପୁର ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଘଟଣା

# ଜୋର ଧରିଲା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ



ଧାରଣାରେ ବସିଥିବା ଶିକ୍ଷୟିତ୍ରୀ।

■ ଶୋଭାଯାତ୍ରା,ସଭା କରି ଜଣାଇଲେ ପ୍ରତିବାଦ

■ ୨୭ରେ ଛୁଟିରେ ରହି ରାଜ୍ୟସ୍ତରୀୟ ଆନ୍ଦୋଳନରେ ସାମିଲ ହେବେ

ନୟାଗଡ଼ ଅଫିସ,୧୯।୧୧

ରାଜ୍ୟ ସରକାର କ୍ରମାଗତ ଭାବେ ପ୍ରାଥମିକ ଶିକ୍ଷକମାନଙ୍କୁ ଉପେକ୍ଷା କରି ଚାଲିଥିବାରୁ ଏହାର ପ୍ରତିବାଦ ବ୍ଲକସ୍ତରରୁ ଆରମ୍ଭ ହୋଇଛି । ଦାବି ପୂରଣ କରିବାରେ ସରକାର ଅବହେଳା କରୁଥିବାରୁ ଶିକ୍ଷକମାନେ ଆନ୍ଦୋଳନକୁ ତ୍ୱରାନ୍ୱିତ କରି ଦାବି ହାସଲ କରିବେ ବୋଲି କହିଛନ୍ତି । ଏହି ଅବସରରେ ପ୍ରତି ବ୍ଲକରେ ପ୍ରାଥମିକ ଶିକ୍ଷକମାନେ ଶନିବାର ଆନ୍ଦୋଳନ କରିଛନ୍ତି।

ନୟାଗଡ଼ ବ୍ଲକରେ ଏଲିମେଣ୍ଟାରୀ ଶିକ୍ଷକମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ପୂର୍ବାହ୍ନରେ ବ୍ଲକ ଶିକ୍ଷକସଂଘ ସଭାପତି ପୀତବାସ ପ୍ରଧାନ, ସମ୍ପାଦକ ସୁରେଶ କୁମାର ସେଠୀ, ଶିକ୍ଷକନେତା ଲକ୍ଷ୍ମୀଧର ସାହୁ, ସଲିମ ଇବ୍ରାହିମ୍,ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ,ସଂଗ୍ରାମ ସାହୁ,ପ୍ରଦୀପ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ନୟାଗଡ଼ ନିଉ ଟାଉନଠାରୁ ବାହାରି ନୟାଗଡ଼ ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ଶିକ୍ଷା କାର୍ଯ୍ୟାଳୟଠାରେ ପହଞ୍ଚି ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଶେଖ ଅବଦୁଲ ଖାଲିକ, ନୟାଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକସଂଘ ସାଧାରଣ ସମ୍ପାଦକ ଭକ୍ତବଲ୍ଲଭ ବଟକୃଷ୍ଣ ମିଶ୍ର,ଏକ୍ସ କ୍ୟାଡର ଶିକ୍ଷକ ସଂଘ ସଭାପତି ଉମେଶ ସ୍ୱାଇଁ ପ୍ରମୁଖ ନିଜ ବକ୍ତବ୍ୟରେ ତୁରନ୍ତ ସରକାର ଶିକ୍ଷକମାନଙ୍କ ଦାବି ପୂରଣ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଚଳିତ ମାସ ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଶାଳ ଶିକ୍ଷକ ଆନ୍ଦୋଳନରେ ବିଭିନ୍ନ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଛୁଟିରେ ରହି ଆନ୍ଦୋଳନରେ ସାମିଲ ହେବା ପାଇଁ ସଂପକ୍ଷ ନେଇଥଲେ । ପରେ ଶିକ୍ଷକସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଶିକ୍ଷକମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବି କିମ୍ବା ଅଧିକାର ପୂରଣ କରିବା କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ମାଧ୍ୟମିକ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାର କୋହଳ ମନୋଭାବ ପୋଷଣ କରି ସମସ୍ତ ପ୍ରକାରର ସୁବିଧା ସୁଯୋଗ ପ୍ରଦାନ କରୁଥିବା ବେଳେ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରିଚାଲିଛନ୍ତି । ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦେବା, ୬ ବର୍ଷ ଠିକା ନିଯୁକ୍ତି ସମୟକୁ ନିୟମିତ କରି ୬ଟି ଇନକ୍ରିମେଣ୍ଟ ଦେବା ,ନିୟମିତ ପଦୋନ୍ନତି ଏବଂ ପୁରୁଣା ପେନସନ ପ୍ରଚଳନ କରିବା ଆଦି ବିଭିନ୍ନ ଦାବି ନେଇ ଶିକ୍ଷକମାନେ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ସରକାର ସେଥିପ୍ରତି ଭୃକ୍ଷେପ କରୁନାହାନ୍ତି । ନିକଟରେ ରାଜ୍ୟ ସରକାର ୨୦୧୩ରୁ ମାଧ୍ୟମିକସ୍ତରରେ ଠିକାରେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ଚୁକ୍ତିକାଳକୁ ନିୟମିତ ମାନ୍ୟତା ପ୍ରଦାନ କରି ୬ଟି ଇନକ୍ରିମେଣ୍ଟ ପ୍ରଦାନ କରିଥିବା ବେଳେ ଏଲିମେଣ୍ଟାରୀ ଶିକ୍ଷକମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ଏଲିମେଣ୍ଟାରୀ ଶିକ୍ଷକମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଅବହେଳା ପ୍ରତିବାଦରେ ଶିକ୍ଷକ ସଂଘ ପକ୍ଷରୁ ବ୍ଲକସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଜୋରଦାର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା।

# କେନ୍ଦ୍ରୀୟ ହାରରେ ଦରମା ଦିଅ

ଗଣିଆ,୧୯।୧୧(ଡି.ଏନ.ଏ.)

ଗଣିଆ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ଗଣିଆ ସହକାରୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ୨୦୦୧ରୁ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କୁ ଠିକା ନିଯୁକ୍ତି ଉଚ୍ଛେଦ କରାଯାଇ ୬ବର୍ଷ ମୂଳ ଚାକିରିରେ ଗଣତି କରିବା ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ , କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ପୁରୁଣା ପେନସନର ପ୍ରଚଳନ କରିବା ଆଦି ଦାବି ରହିଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର , ସମ୍ପାଦକ ସୁରେଶ ଚନ୍ଦ୍ର ବେହେରା, ବାମନ ଚରଣ ବାରିକ, ପ୍ରତାପ ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୨୬୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ଗଣିଆ ଚଉବଙ୍ଗ ତୋଟାଠାରୁ ଶୋଭାଯାତ୍ରାରେ ବାହାରିଥିଲେ । ଶୋଭାଯାତ୍ରା ଗଣିଆ ବଜାର ପରିକ୍ରମା କରିବା ପରେ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସହକାରୀ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଏହି ଦାବି ନେଇ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଘ ତରଫରୁ ସୂଚନା ମିଳିଛି ।

**ଭାପୁର,(ଡି.ଏନ.ଏ.):** ଭାପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀକୁ ଦାବିପତ୍ର ପ୍ରଦାନ କରାଯାଇଛି । ଶନିବାର ଅପରାହ୍ନରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ରାଲି ଭାପୁର ବାଇପାସ ନିକଟସ୍ଥ ହନୁମାନ ମନ୍ଦିର ପରିସରରୁ ବାହାରି ଭାପୁର ବଜାର ପରିକ୍ରମା କରିଥିଲା । ଶେଷରେ ଭାପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ସହିତ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତୀ ସାହୁଙ୍କୁ ସମସ୍ୟା ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ଲେଙ୍କା ଓ ସମ୍ପାଦକ ସନ୍ତୋଷ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ଆଇନଜୀବୀ ଗଙ୍ଗାଧର ପଣ୍ଡା ଭାପୁର ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ , ସୁରେଶ ମହାରଣା , ନିରଞ୍ଜନ ଦଳବେହେରା , ବିଭୁପ୍ରସାଦ ସାହୁ , କାଳୁଚରଣ ସ୍ୱାଇଁ , ମନୋଜ କୁମାର ଶୁକ୍ଳ , ଲକ୍ଷ୍ମୀଧର ସାହୁ , ନବ କିଶୋର ପ୍ରଧାନ , ଦୀନବନ୍ଧୁ ସାହୁ , ମହେଶ୍ୱର ସାହୁ , ପ୍ରକାଶ କୁମାର ସାହୁ , ପ୍ରଶନ୍ନ କୁମାର ଜେନା , ସରୋଜିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଆନ୍ଦୋଳନରେ ୩୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ,ଶିକ୍ଷକ ସାମିଲ ହୋଇଥିଲେ।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ୍ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁଙ୍କୁ ଶନିବାର ପ୍ରଦାନ କରାଯାଇଛି। ଖଣ୍ଡପଡ଼ା ବସଷ୍ଟାଣ୍ଡଠାରୁ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ ।

୩ ଦଫା ଦାବି ନେଇ ପ୍ରାଥମିକ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଉପାୟରେ ଆନ୍ଦୋଳନ କରିଥିଲେ । ରାଜ୍ୟ ସରକାର ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିଥିବା ବେଳେ ପ୍ରାଥମିକ ଶିକ୍ଷକଙ୍କ କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

**ରଣପୁର,(ସ୍ୱ.ପ୍ର.):** ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ରଣପୁର ବ୍ଲକର ସମସ୍ତ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ଏକ ପ୍ରତିବାଦ ଶୋଭାଯାତ୍ରା ରଣପୁର ୟୁକୋ ବ୍ୟାଙ୍କ ଛକରୁ ବାହାରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାର ୩ ଦଫା ଦାବି ଉପସ୍ଥାପନ କରାଯାଇଥିଲା । ଏନେଇ ଏକ ଦାବିପତ୍ର ରଣପୁର ବ୍ଲକ ଶିକ୍ଷା ଅଧିକାରୀଣି ବନଲତା ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଶାସନ ସଚିବ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । ଉକ୍ତ ଶୋଭାଯାତ୍ରାରେ ବ୍ଲକର ନୂତନ ପେନସନ ଯୋଜନା ଭୁକ୍ତ ୩୬୭ ଜଣ ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗ ଦେଇଥିଲେ । ସଂଘର ସଭାପତି ଅନିଲ କୁମାର ପାଇକରାୟ, ସମ୍ପାଦକ ଜ୍ୟୋତି ରଞ୍ଜନ କରଙ୍କ ନେତୃତ୍ୱରେ ପବିତ୍ର ମୋହନ ସାମନ୍ତରାୟ, ପ୍ରଭାତ ଦଳବେହେରା, ସୁଶୀଲ କୁମାର ରଣା, ଅଶୋକ ବେହେରା, ସୁଶାନ୍ତ କୁମାର ପ୍ରଧାନ,ଅଜୟ କୁମାର ସାହୁ, ପ୍ରଶାନ୍ତ ଘଡେଇ, ରମାକାନ୍ତ ସାହୁ, ମାନସ ପଟ୍ଟନାୟକ, ପାର୍ବତୀ ସାହୁ, ଅନାମିକା ପାଣିଗ୍ରାହୀଙ୍କ ସହ ବ୍ଲକର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

**ନୂଆଗାଁ,(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ଏକ ପଦଯାତ୍ରା ନୂଆଗାଁ କଲେଜ ପଡିଆଠାରୁ ବାହାରି ସ୍ଥାନୀୟ ପ୍ରାଥମିକ ସ୍କୁଲ ପଡ଼ିଆରେ ପହଞ୍ଚି ଥିଲା। ସେଠାରେ ଏକ ସଭାର ଆୟୋଜନ କରାଯାଇ ଏହି ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଶିକ୍ଷକ ନେତାମାନେ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏହି ପଦଯାତ୍ରାରେ ସଂଘ ସଭାପତି ସୁଧୀର କୁମାର ପ୍ରଧାନ , ସମ୍ପାଦକ ନରେନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁ , ଜିଲା ପ୍ରତିନିଧି ସତ୍ୟନାରାୟଣ ସାହୁ , ଗତିକୃଷ୍ଣ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ରଣପୁର ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ଦେଶୀ ମଦ ଜବତ, ୨ଗିରଫ

**ଗଣିଆ,୧୯।୧୧(ଡି.ଏନ.ଏ.):** ନୟାଗଡ଼ ଜିଲା ଅବକାରୀ ବିଭାଗ ତରଫରୁ ଗଣିଆ ବ୍ଲକର ୨ ସ୍ଥାନରେ ଚଢ଼ାଉ କରାଯାଇ ୩୫ ଲିଟର ଦେଶୀ ମଦ ଜବତ ହୋଇଛି । ଦେଶୀ ମଦ ପ୍ରସ୍ତୁତ କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି । ନୟାଗଡ଼ ଅବକାରୀ ବିଭାଗ ଇନ୍ସପେକ୍ଟର ସୁଶାନ୍ତ ମହାପାତ୍ର , ଦଶପଲ୍ଲା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀ କୁମାର ଗୁରୁ ଓ ଅବକାରୀ କର୍ମଚାରୀମାନେ ମିଳିତ ଭାବେ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ସୋମାନେ ଛାମୁଣ୍ଡିଆ ବଡ଼ମୂଳ ଗ୍ରାମର ସନ୍ତୋଷ କୁମାର ବେହେରାଙ୍କ ଘରୁ ୨୦ ଲିଟର ଓ ରାସଙ୍ଗ ପଞ୍ଚାୟତ ଓସ୍ତିଆ ଗ୍ରାମର ଏଲିନା ସେଠୀଙ୍କ ଘରୁ ୧୬ଲିଟର ଦେଶୀ ମଦ ଜବତ କରିଥିଲେ । ଏହି ଚଢାଉ ସମୟରେ ଦେଶୀ ମଦ ପ୍ରସ୍ତୁତି ପାଇଁ ବ୍ୟବହୃତ ସମସ୍ତ ସାମଗ୍ରୀକୁ ଭାଙ୍ଗି ନଷ୍ଟ କରାଯାଇଛି ।

### ଚାଇଲଡ୍ ଲାଇନ ପକ୍ଷରୁ ବନ୍ଧୁତା ସପ୍ତାହ ପାଳିତ

**ଖଣ୍ଡପଡ଼ା,୧୯।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ପରିସରରେ ଶନିବାର ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ନେଇ ବନ୍ଧୁତା ସପ୍ତାହ ପାଳିତ ହୋଇଯାଇଛି । ଚାଇଲଡ୍ ଲାଇନର ସଦସ୍ୟମାନେ ଖଣ୍ଡପଡ଼ା ଥାନାର ସମସ୍ତ କର୍ମଚାରୀଙ୍କ ହାତରେ ପଟି ବାନ୍ଧି ବନ୍ଧୁତ୍ୱ ସ୍ଥାପନ କରିଥିଲେ । ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା ସମ୍ପର୍କୀତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଚାଇଲଡ ଲାଇନର କାଉନସିଲର ଚନ୍ଦ୍ରଶେଖର ବେହେରା, ସଦସ୍ୟା ସୁଜାତା ବେହେରା, ବିକ୍ରମ ପ୍ରଧାନ, ଅଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଥାନା ଅଧିକାରୀ ରମେଶ କୁମାର ଦେବତା ଓ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ସାଇ ହାଲ୍ ସୁନାବେଡ଼ା ଚାମ୍ପିୟନ


ଅତିଥିଙ୍କ ଗହଣରେ ଟ୍ରଫି ସହ ଚମ୍ପିୟନ ଦଳର ଖେଳାଳି ।

ନୟାଗଡ଼ ଅଫିସ/ଶରଣକୁଳ,୧୯।୧୧

## ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥିଲେଟିକ ଆସୋସିଏଶନ ପକ୍ଷରୁ ନାରାୟଣ ହାଇସ୍କୁଲ ଖେଳପଡ଼ିଆରେ ଚାଲୁଥିବା ୬୧ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଟ ଶନିବାର ଶେଷ ହୋଇଛି। ଫାଇନାଲ ମ୍ୟାଚ୍‌ରେ ସାଇ ହାଲ୍ ସୁନାବେଡ଼ା ୨-୦ ଗୋଲରେ ଆଡିଭର କଟକକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧ ଖେଳରେ ସାଇ ହାଲ୍ ସୁନାବେଡା ୨ଟି ସ୍କୋର କରି ଚାମ୍ପିୟନ ହୋଇଛି ।

ଆସୋସିଏଶନର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି, ଓଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଓଡ଼ଗାଁ ତହସିଲଦାର ବିଜୟିତା ସାମନ୍ତସିଂହାର, ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମନାକ୍ଷୀ ପ୍ରସାଦ ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଚାମ୍ପିୟନ ଦଳକୁ ନଗଦ୍ ୩୦ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ୍ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ । ଲଡୁକେଶ ଆଥିଲେଟିକ୍ ସମ୍ପାଦକ ଯୋଗେନ୍ଦ୍ରନାଥ ପ୍ରଧାନ ବିବରଣୀ ପାଠ କରିଥିଲେ । ଉପସଭାପତି ବିକ୍ରମ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଖେଳକୁ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ସଲିଲ କୁମାର ବେହେରା, ରତ୍ନାକର ବାରିକ ଲାଇନରେ ସହାୟତା କରିଥିଲେ । ସୁନାବେଡା ଦଳର ଖେଳାଳି ସଞ୍ଜିତ୍ ଖେରାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଖେଳ ଶେଷରେ ଅଭିନେତା ପାର୍ଥ ସାରଥି ରାଓ, ଅଭିନେତ୍ରୀ ପୁଷ୍ପା ପତି, ସସ୍ମିତା ପାଢୀ ନିଜର ଅଭିନୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ବହୁ ସମୟ ମଞ୍ଚ ନିକଟରେ ବାନ୍ଧି ରଖିଥିଲେ ।

# ନୂଆଗାଁ ବ୍ଲକରେ ଅନ୍ତର୍ଜାତୀୟ ସ୍ୱଚ୍ଛତା ଦିବସ

ନୂଆଗାଁ,୧୯।୧୧(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପକ୍ଷରୁ ନୂଆଗାଁ ହାଇସ୍କୁଲଠାରେ ଶନିବାର ଆନ୍ତର୍ଜାତୀୟ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱଚ୍ଛତା ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ସହ ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ପାଇଁ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତି। ତେଣୁ କିଭଳି ସ୍ୱଚ୍ଛତା ବିଷୟରେ ଜନସଚେତନା ସୃଷ୍ଟି କରାଯାଇ ପାରିବ ନେଇ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପଦଯାତ୍ରା କରାଯିବା ସହିତ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। କରୋନା ମହାମାରୀ ସମୟରେ ସମସ୍ତେ ଯେଭଳି ସ୍ୱଚ୍ଛତା ଅବଲମ୍ବନ କରୁଥିଲେ ସବୁ ସମୟରେ ସେହି ନୀତି ନିୟମକୁ ମାନି ଚଳିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି ପଦଯାତ୍ରା ନୂଆଗାଁ ହାଇସ୍କୁଲ ନିକଟରୁ ବାହାରି ବଜାର ଦେଇ ବ୍ଲକ ଛକ ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ , ଅତିରିକ୍ତ ବିଡିଓ ସ୍ୱଦେଶ ଶତପଥୀ, ଜିପିଓ ସାଧୁଚରଣ ସାହୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଓ ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ।

# କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଦାବି ତେଜିଲା

ଖଣ୍ଡପଡ଼ା,୧୯।୧୧(ସ୍ୱ.ପ୍ର.)

ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ କଣ୍ଟିଲୋ ଶ୍ରୀନୀଳମାଧବ ପୀଠରେ ଅହୋରାତ୍ର ସେବା ପ୍ରଦାନ ତଥା ଖୋଲା ରହିବା ପାଇଁ ୨ ଏକର ପରିମିତ ଜମିରେ ପ୍ରାୟ ୨କୋଟି ଟଙ୍କା ଅନୁଦାନରେ ଏକ ନୂତନ ମେଡିକାଲ ନିର୍ମାଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି । ଏହି ପରିପ୍ରେକ୍ଷୀରେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସେହି ପରିମାଣର ଜାଗା ନ ଥିବାରୁ ସେଠାରେ ନୂତନ ମେଡିକାଲ ଗୃହ ନିର୍ମାଣ ହୋଇ ପାରିବ ନାହିଁ ବୋଲି ପରିଦର୍ଶନରେ ଆସିଥିବା ବିଭାଗୀୟ ଯନ୍ତ୍ରୀମାନେ କହିଛନ୍ତି । ସେଥିପାଇଁ ୨ ଏକର ଜମି ଯୋଗାଇ ଦେବାକୁ ସେ ଜିଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଅନୁସାରେ ନୂତନ ମେଡିକାଲ ଗୃହ ନିର୍ମାଣ ପାଇଁ ରାଜ୍ୟ ପୋଲିସ ହାଉସିଂ ବୋର୍ଡ ନିର୍ମାଣ ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, କଣ୍ଟିଲୋ ପଞ୍ଚାୟତ ଏକ ରାଜସ୍ୱ ଗ୍ରାମ ହୋଇଥିବାରୁ ଏଠାରେ ଗୋଟିଏ ସ୍ଥାନରେ ୨ ଏକର ଜମି ନ ଥିଲେ ମଧ ମେଡିକାଲ ନିର୍ମାଣ ପାଇଁ କଣ୍ଟିଲୋ ଓ ଏହାର ଆଖପାଖରେ ଜାଗା ରହିଛି । ସେହି ସଂରକ୍ଷିତ ସ୍ଥାନଗୁଡିକୁ ପରିଦର୍ଶନ କରି ଆଲୋଚନା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧାରୀ, ନିର୍ମାଣ ଦାୟିତ୍ୱ ନେଇଥିବା ଠିକାସଂସ୍ଥା, ଖଣ୍ଡପଡ଼ା ତହସିଲଦାର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ନୀଳମାଧବଙ୍କ ଦର୍ଶନରେ ଆସୁଥିବା ପର୍ଯ୍ୟଟକଙ୍କ ସ୍ୱାର୍ଥଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟଥା ନୂତନ ମେଡିକାଲ ନିର୍ମାଣ ସ୍ୱପ୍ନରେ ରହି ଯିବାର ଆଶଙ୍କା ରହିଛି। ଏଥିପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ, ଲୋକପ୍ରତିନିଧି, ବୁଦ୍ଧିଜୀବି ତଥା ଯୁବ ସମାଜ ସକ୍ରୀୟ ଭୂମିକା ଗ୍ରହଣ କରିବା ସହ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋର ବିକାଶ ଦିଗରେ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁ ଏ ଦିଗରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଛି। ସୂଚନାଯୋଗ୍ୟ, କଣ୍ଟିଲୋ ଓ ଏହାର ଆଖପାଖ ବାଣପୁର, ବେଣାଗାଡିଆ, ସିଧାମୂଳା, ପଥରଚକଡା, କେନ୍ଦୁପଲ୍ଲୀ, ଧାନଚେଙ୍ଗଡା ଆଦି ପଞ୍ଚାୟତର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରିଥାନ୍ତି ।

# ସ୍କୁଲ ପରିସରରୁ ଶାଗୁଆନ ଗଛ କାଟି ବିକ୍ରି ଉଦ୍ୟମ

■ ୫୧ ଶାଗୁଆନ ଗଣ୍ଡି ଜବତ

■ ସ୍କୁଲରେ ବସିଲା ବୈଠକ

ନୂଆଗାଁ,୧୯।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ମାଳିସାହି ପଞ୍ଚାୟତ ଗତିକେଶ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଶାଗୁଆନ ଗଛ କାଟି ଶୁକ୍ରବାର ବିକ୍ରୀ କରିବାକୁ ଉଦ୍ୟମ କରାଯାଉଥିଲା। ଏ ନେଇ ନୟାଗଡ଼ ବନଖଣ୍ଡ ଅଧିକାରୀ (ଡି.ଏଫ.ଓ.)ଙ୍କ ନିକଟରେ ଅଭିଯୋଗ ହୋଇଛି । ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ନୟାଗଡ଼ ରେଞ୍ଜର ଓ ଖେଡପଡା ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ୫୧ଟି ଶାଗୁଆନ ଲଗ୍, ଗୋଟିଏ ଟ୍ରାକ୍ଟର ସମେତ ଜେସିବି ଜବତ କରିଛନ୍ତି। ସ୍କୁଲ ପରିସରରୁ ବେଆଇନ ଭାବେ ଗଛ କାଟି ବିକ୍ରୀ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଘଟଣାର ରଫାଦଫା କରିବାକୁ ବନ ବିଭାଗ କର୍ମଚାରୀମାନେ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଶନିବାର ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗ୍ରାମବାସୀଙ୍କୁ ନେଇ ସ୍କୁଲରେ ଏକ ବୈଠକର ଆୟୋଜନ କରାଯାଇଥିଲା। ହେଲେ ଉକ୍ତ ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ । ଆସନ୍ତା ସୋମବାର ପୁଣିଥରେ ବୈଠକ ବସିବ ବୋଲି ସ୍ଥିର କରାଯାଇଛି ।


ଜବତ ହୋଇଥିବା ଶାଗୁଆନ ଲଗ୍ ।

ସୂଚନା ଅନୁଯାୟୀ,ଉକ୍ତ ସ୍କୁଲ ପରିସରରେ ଅନେକ ଶାଗୁଆନ ଗଛ ରହିଛି । ବନ ବିଭାଗର ବିନା ଅନୁମତିରେ ସ୍କୁଲ ପରିସରରୁ ୬ଟି ଶାଗୁଆନ ଗଛ କାଟି ସେଥିରୁ ୫୧ ଗୋଟି ଲଗ୍ ବିକ୍ରି କରିବାକୁ ଉଦ୍ୟମ କରାଯାଇଥିଲା । କାଠ ନେବା ପାଇଁ ଭୁବନେଶ୍ୱରର ଜଣେ କାଠ ବ୍ୟବସାୟୀଙ୍କ ସହ କଥା ହେବା ପରେ କାଠ ବେପାରୀ ଜେସିବି, ଟ୍ରାକ୍ଟର ଓ ଗୋଟିଏ ହାଇୱା ଟ୍ରକ ଆଣି ସ୍କୁଲ ନିକଟରେ ପହଞ୍ଚି ଥିଲେ। ଏ ବାବଦରେ ଡିଏଫ୍‌ଓଙ୍କ ନିକଟରେ ଅଭିଯୋଗ ପହଞ୍ଚିବା ପରେ ନୟାଗଡ଼ ରେଞ୍ଜର ସୁଶାନ୍ତ କୁମାର ସ୍ୱାଇଁ , ଖେଡପଡ଼ା ଫରେଷ୍ଟର ସୁମିତ୍ରାଙ୍କ ସମେତ ବନ କର୍ମଚାରୀ ଘଟଣାସ୍ଥଳରୁ ଶାଗୁଆନ ଲଗ୍ ଓ ଜେସିବି ଜବତ କରି ସ୍ଥାନୀୟ ସରପଞ୍ଚଙ୍କୁ ଜିମା ଦେବା ସହ ଗୋଟିଏ ଟ୍ରାକ୍ଟର ଜବତ କରି ଖେଡପଡ଼ା ବିଟ୍‌କୁ ନେଇଛନ୍ତି । ଏ ସଂକ୍ରାନ୍ତରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ପଚାରିବାରେ ଆମେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ । ଯେହେତୁ ସେମାନେ ପୂର୍ବରୁ ଗଛ କାଟିବା ପାଇଁ ଅନୁମତି ମାଗିଥିଲେ ତେଣୁ ଜବତ କାଠ କେବଳ ସ୍କୁଲ କାମରେ ବ୍ୟବହାର ପାଇଁ ଅନୁମତି ଦିଆଯିବ କିମ୍ବା ଫରେଷ୍ଟ କର୍ପୋରେଶନକୁ ଦିଆଯିବ ବୋଲି କହିଛନ୍ତି ।